- Vol.- 46, Issue No. 91
- Wednesday, 01 July 2026
- ବୁଧବାର, ୦୧ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଶ୍ରୀଅଲାରନାଥଙ୍କ ଅଣସର ଦର୍ଶନ ଆରମ୍ଭ

### ■ ଶ୍ରୀଅଲାରନାଥ ହିଁ ଶ୍ରୀଜଗନ୍ନାଥ ■ ଝିପିଝିପି ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି

ପୁରୀ, ୩୦ ।୬(ନିପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ସ୍ଥିତ ଶ୍ରୀ ଅଲାରନାଥଙ୍କ ମନ୍ଦିରରେ ଆଜି ଠାରୁ ଅଣସର ବେଶ ଦର୍ଶନ ଆରମ୍ଭ ହୋଇଛି। ଏହି ଦର୍ଶନ ଆସନ୍ତା ୧୪ ତାରିଖ ନେତ୍ରୋତ୍ସବ ପର୍ଯ୍ୟନ୍ତ ଚାଲିବ । ଆଜି ପ୍ରଥମ ଦିନରେ ସକାଳୁ ପାଠରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଅଣସର ସମୟରେ ଶ୍ରୀମନ୍ଦିରରେ ଶ୍ରୀଜିଉମାନେ ଦର୍ଶନ ଦେଉନଥିବାରୁ ଭକ୍ତ ବ୍ୟଥିତ ହୋଇ ବ୍ରହ୍ମଗିରି ସ୍ଥିତ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରିବାର ପରମ୍ପରା



ରହିଛି। ଶ୍ରୀ ଅଲାରନାଥ ହିଁ ଶ୍ରୀଜଗନ୍ନାଥ । ଶ୍ରୀ ଅଲାରନାଥଙ୍କ ପ୍ରିୟ ଭୋଗ ମଧ୍ୟରେ କ୍ଷିରୀ ଅନ୍ୟତମ । କଥିତ ଅଛି, ବର୍ଷକ ଯାକ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାରେ ଭକ୍ତଙ୍କୁ ଯେତିକି ପୁଣ୍ୟ ଫଳ ମିଳିଥାଏ । ଅନବସର ସମୟରେ ଗୋଟିଏ ଦିନ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସମାନ ପୁଣ୍ୟ ଫଳ ପ୍ରାପ୍ତ ହୋଇଥାଏ । ଅନବସର ସମୟରେ ଶ୍ରୀଅଲାରନାଥଙ୍କ ପ୍ରତିଦିନ ବିଭିନ୍ନ ଅଣସର ବେଶ ଅନୁଷ୍ଠିତ ହୋଇଥାଏ । ଆଜି ଦିନତମାମ ଝିପିଝିପି ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍‌ରେ ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଠାକୁର ଦର୍ଶନ କରି ଉତ୍ତର ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି । ଶ୍ରୀ ଅଲାରନାଥଙ୍କ ଦୈନନ୍ଦିନ ନୀତିକାନ୍ତି ଅନୁଯାୟୀ, ଆଜି ଭୋରରୁ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳଆଳତି, ମଇଲମ, ଅବକାଶ, ବାଲଧୂପ, ସକାଳ ଧୂପ ସମ୍ପନ୍ନ ହୋଇଛି । ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମନ୍ଦିର ଟ୍ରଷ୍ଟ ବୋର୍ଡ଼, ବ୍ରହ୍ମଗିରି ଥାନା ଓ ବ୍ଲକ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ଶ୍ରୀମନ୍ଦିରରେ ପୂଜା ପାଇଲେ ପଟ୍ଟି ଦିଅଁ

### • ଜ୍ୱରରେ ପୀଡ଼ିତ ଶ୍ରୀଜଗନ୍ନାଥ • ଗୁପ୍ତ ସେବା ଜାରି ରହିଛି

ପୁରୀ,୩୦ ।୬(ନିପ୍ର): ଶ୍ରୀମନ୍ଦିର ଅଣସର ପିଣ୍ଡିରେ ମଙ୍ଗଳବାରଠାରୁ ପୂଜା ପାଉଛନ୍ତି ପଟ୍ଟି ଦିଅଁ । ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ ପରେ ଶ୍ରୀଜିଉମାନେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରିଛନ୍ତି। ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଅଣସର ପିଣ୍ଡିରେ ଦଇତାପତି ସେବକମାନେ ଶ୍ରୀଜିଉଙ୍କ ଗୁପ୍ତ ସେବା ଜାରି ରଖିଛନ୍ତି । ଜ୍ୱରରୁ ଉପଶମ ପାଇଁ ଶ୍ରୀଜିଉମାନଙ୍କ ଗୁପ୍ତ ସେବା ଜାରି ରହିଛି । ଅଣସର ସମୟରେ ଶ୍ରୀଜିଉମାନେ ଶ୍ୱେତ ବସ୍ତ୍ର ପରିଧାନ କରିବାର ବିଧି ରହିଛି । ଏହି ୧୫ ଦିନ ତୁଳସୀ ଲାଗି ହେବା ପରିବର୍ତ୍ତେ ମହାପ୍ରଭୁଙ୍କୁ କେବଳ ଧଳାଫୁଲ ଲାଗି ହୋଇଥାଏ । ପଣା ଏବଂ ଚକଟା ଭୋଗ



ଲାଗି ହୋଇଥାଏ ।ଏହି ସମୟରେ ଶ୍ରୀମନ୍ଦିରରେ ପଟ୍ଟି ଦିଅଁ ପୂଜା ପାଇବାର ପରମ୍ପରା ରହିଛି । ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ଶ୍ରୀ ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଓ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା ଭୁବନେଶ୍ୱରୀ ପଟ୍ଟି ଦିଅଁ ସ୍ଥାପନା ହେବା ସହ ପୂଜିତ ହେଉଛନ୍ତି ।

### ଇଥାନଲ୍ ଆବଣ୍ଟନକୁ ନେଇ 'ସୁପ୍ରିମ୍' ରାୟ

# ବଦଳିବନାହିଁ ସରକାରୀ ନୀତି



ନୂଆଦିଲ୍ଲୀ,୩୦ ।୬: ଦେଶରେ ଚାଲିଥିବା ଇଥାନଲ୍ ଯୋଗାଣ ବିବାଦ ମାମଲାରେ ମଙ୍ଗଳବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଦେଶର ବର୍ତ୍ତମାନର ଯୋଗାଣ ବ୍ୟବସ୍ଥା ଏବଂ ସୁନ୍ଦରେଶ ଏବଂ ଜଷ୍ଟିସ୍ ଶୀଲ୍ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ପୂର୍ବରୁ ସ୍ଥିର ହୋଇସାରିଥିବା ଇଥାନଲ୍ ଆବଣ୍ଟନରେ ସଦ୍ୟ

### ★ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ଲାଗିଲା ରୋକ
### ★ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ଏକ ପ୍ରୟୋଗ: କେନ୍ଦ୍ର

ଜାତୀୟ ଇ-୨୦ ନୀତିକୁ କୋର୍ଟ ବଳବତ୍ତର ରଖିବାକୁ ଆଦେଶ ଦେଇଛନ୍ତି। ଏହା ସହିତ କର୍ଣ୍ଣାଟକ ହାଇକୋର୍ଟଙ୍କ ସେହି ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି, ଯେଉଁଥିରେ ତେଲ କମ୍ପାନୀଗୁଡ଼ିକୁ ଏକ ବେସରକାରୀ ଡିଷ୍ଟିଲରୀର ଇଥାନଲ୍ କୋଟା ଉପରେ ପୁନର୍ବାର ବିଚାର କରିବାକୁ କୁହାଯାଇଥିଲା। ଜଷ୍ଟିସ୍ ଏମ୍.ଏମ୍. କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ସୂଚନାଯୋଗ୍ୟ ଯେ, କର୍ଣ୍ଣାଟକ ହାଇକୋର୍ଟ 'ଭିନପ୍ ଡିଷ୍ଟିଲରିଜ୍ ଆଣ୍ଡ ସୁଗାର୍ ପ୍ରାଇଭେଟ୍ ଲିମିଟେଡ୍'ର ଆବେଦନକୁ ଗ୍ରହଣ କରି ତାର ଇଥାନଲ୍ କୋଟା ବୃଦ୍ଧି କରିବାକୁ ତେଲ ବିପଣନ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଭାରତ ପେଟ୍ରୋଲିୟମ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ୍ ଆର୍ ଭେଙ୍କଟରମଣୀ କୋର୍ଟରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ, ଯଦି କୌଣସି ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଦାବି ଆଧାରରେ ଇଥାନଲ୍ ଆବଣ୍ଟନ ବଦଳାଯାଏ, ତେବେ ଅନ୍ୟ ଯୋଗାଣକାରୀମାନେ ମଧ୍ୟ କୋର୍ଟଙ୍କ ଦ୍ୱାରସ୍ଥ ହେବେ। ଏହାଦ୍ୱାରା ସରକାରଙ୍କ ଜାତୀୟ ଏଥାନଲ୍ ଯୋଗାଣ ନୀତି ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ ଓ ଅସ୍ଥିର ହୋଇପଡ଼ିବ। ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ କରିବା ନେଇ ସରକାର ଯେଉଁ ନୀତି ଆପଣେଇଛନ୍ତି, ତାହା ବର୍ତ୍ତମାନ ଏକ ପ୍ରୟୋଗ ବୋଲି କେନ୍ଦ୍ର ସରକାର କୋର୍ଟରେ କହିଛନ୍ତି। ସରକାରଙ୍କ ଅନୁଯାୟୀ, ଏହି ନୀତିର ପ୍ରକୃତ ଏବଂ ବ୍ୟାପକ ସଫଳତା ଆସନ୍ତା ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହୋଇଯିବ।

### ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦୀ

## ହର୍ମୁଜରେ ଜାହାଜ ଚଳାଚଳକୁ ସ୍ୱାଧୀନତା ମିଳୁ

ନୂଆଦିଲ୍ଲୀ,୩୦ ।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ରାଷ୍ଟ୍ରପତି ଡକ୍ଟର ମାସୁଦ ପେଜେସ୍କିୟାନଙ୍କ ସହ ଟେଲିଫୋନରେ ମଙ୍ଗଳବାର କଥାବାର୍ତ୍ତା କରିଥିଲେ। ପଶ୍ଚିମ ଏସିଆର ସଦ୍ୟତମ କ୍ରମୋନ୍ନତି ଏବଂ ଆଗାମୀ ପଥ ବିଷୟରେ ଆଲୋଚନା କରାଯାଇଥିଲା।



କାରଣ ତେହେରାନ ଏବଂ ଓ୍ୱାଶିଂଟନ ମଧ୍ୟରେ ଦୁର୍ବଳ ବୁଝାମଣା ନୂତନ ଚାପ ପରିସରରେ ଆସୁଛି। ଇରାନ ରାଷ୍ଟ୍ରପତି ପେଜେସ୍କିୟାନ ନିଜ ଅଞ୍ଚଳର ସାମ୍ପ୍ରତିକ ବିକାଶ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ତେହେରାନ ଏବଂ ଓ୍ୱାଶିଂଟନ ମଧ୍ୟରେ ହୋଇଥିବା ବୁଝାମଣାକୁ ସ୍ୱାଗତ କରିଥିଲେ ଏବଂ ଭାରତର ଦୀର୍ଘସ୍ଥାୟୀ ମନୋଭାବକୁ ପୁନଃସ୍ଥାପିତ କରିଥିଲେ ଯେ ସମସ୍ତ ପ୍ରସଙ୍ଗ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମାଧାନ କରାଯିବା ଉଚିତ। ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, 'ପଶ୍ଚିମ ଏସିଆର ସାମ୍ପ୍ରତିକ ବିକାଶ ବିଷୟରେ ଇରାନର ରାଷ୍ଟ୍ରପତି ଡକ୍ଟର ମାସୁଦ ପେଜେସ୍କିୟାନଙ୍କ ସହ କଥା ହୋଇଥିଲେ। ଆଲୋଚନାରେ ହୋଇଥିବା ଅଗ୍ରଗତିକୁ ସ୍ୱାଗତ କରିଥିଲେ ଏବଂ ଆଶା ପ୍ରକାଶ କରିଥିଲେ ଯେ ନିରନ୍ତର ପ୍ରୟାସ ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବ। ଭାରତ ଏବଂ ବିଶ୍ୱ ପାଇଁ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଧୀନତାର ଗୁରୁତ୍ୱକୁ ଦୋହରାଇ ଥିଲେ।'

### ନାବାଳିକା ଭାଣିଜୀକୁ କିରୋସିନି ଢାଳି ହତ୍ୟା ମାମଲା

## ଦୋଷୀ ମାମୁଁକୁ ଫାଶୀ ଦଣ୍ଡାଦେଶ

ବ୍ରହ୍ମପୁର,୩୦ ।୬: ଭାଣିଜୀକୁ ହତ୍ୟା ମାମଲାରେ ଦୋଷୀ ମାମୁଁକୁ ମୃତ୍ୟୁ ଦଣ୍ଡାଦେଶ । ୨୦୨୨ରେ ବ୍ରହ୍ମପୁରରେ ନାବାଳିକା ଭାଣିଜୀକୁ ହତ୍ୟା ମାମଲାରେ ଦୋଷୀ ମାମୁଁ ସିପ୍ରିନ ଦିଗାଲଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଛି। ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟ ବିଚାରପତି ରୋହିତ ଲାଲ ପଣ୍ଡା ଏହି ରାୟ ଶୁଣାଇଛନ୍ତି । ୨୦୨୨ ଏପ୍ରିଲ ୨୫ରେ ବ୍ରହ୍ମପୁର ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡରେ ୧୩ ବର୍ଷୀୟା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା ଓ ଏହି ଘଟଣାରେ ପୋଲିସ ତଦନ୍ତ କରି ମୃତ ନାବାଳିକାର ମାମୁଁ ସିପ୍ରିନ ଦିଗାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗିରଫ ମାମୁଁ ସିପ୍ରିନ ଦିଗାଲ ଭାଣିଜୀ ଗାୟତ୍ରୀଙ୍କୁ ଖରାପ ନଜରରେ ଦେଖୁଥିଲା ଏବଂ ସେ କିରୋସିନି ଢାଳି ନିଆଁ ଲଗାଇ ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ଏ ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା । ପୂର୍ବରୁ ଅଭିଯୁକ୍ତ ସିପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲା ଓ କୋର୍ଟରୁ ଅନୁମତି କ୍ରମେ ସେ କିଛି ଦିନ ପାଇଁ ପାରୋଲରେ ବ୍ରହ୍ମପୁର ସ୍ଥିତ ନିଜ ଭଉଣୀ ଘରକୁ ଆସିଥିଲା ଏବଂ ସେଠାରେ ଏହି ଜଘନ୍ୟ କାଣ୍ଡ ଘଟାଇଥିଲା ।

## ରବି ଧାନ ସଂଗ୍ରହ ଜୁଲାଇ ୩ ତାରିଖ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୩୦ ।୬(ନିପ୍ର): ରବି ଋତୁ ପାଇଁ ଧାନ ସଂଗ୍ରହ ଅବଧି ଜୁଲାଇ ୩ ତାରିଖ ଯାଏଁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସରକାର ରବି ଋତୁରେ ୨୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏଯାଏଁ ୧୮.୭୯ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି। ୫ ଜିଲ୍ଲାରେ ଧାନ ପଡ଼ି ରହିଥିବାରୁ ସରକାର ଧାନ ସଂଗ୍ରହ ଅବଧି ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର।

## ଭିଜିଲାନସ ପଞ୍ଝାରେ 'ଭିମସାର'ର ଦୁଇ ବାବୁ

### ★ ପୁଳା ପୁଳା ଟଙ୍କା, ମାଳ ମାଳ ପ୍ଲଟ ଠାବ ★ ୯ ସ୍ଥାନରେ ଏକକାଳୀନ ତଲାସି ଜାରି

ସମ୍ବଲପୁର,୩୦ ।୬: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବୁର୍ଲାସ୍ଥିତ 'ଭିମସାର'ର ଦୁଇ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ବଡ଼ଧରଣର ଚଢ଼ାଉ ହୋଇଛି। ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ମୋଟ ୯ଟି ସ୍ଥାନରେ ଏକକାଳୀନ ତଲାସି ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ନଗଦ ୧୯ ଲକ୍ଷ ଟଙ୍କା, ୨୦ଟି ମୂଲ୍ୟବାନ ପ୍ଲଟ ଓ ଅନ୍ୟାନ୍ୟ ବହୁମୂଲ୍ୟ ସମ୍ପତ୍ତି ଜବତ ହୋଇଥିବା ସୂଚନା ମିଳିଛି ।ଭିମସାରର ପ୍ରତିଷ୍ଠାନ ଅଧିକାରୀ-କମ୍-ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ହେଲେ ଧନୁର୍ଦ୍ଧର ବିଶ୍ୱାଳ। ମିଳିଥିବା ସୂଚନା ଅନୁସାରେ ତାଙ୍କ ସହିତ ସଂପୃକ୍ତ ସମ୍ପତ୍ତି ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଠାବ ହୋଇଥିବା ସମ୍ପତ୍ତିରେ ସମ୍ବଲପୁରର ଧନକଉଡ଼ାରେ ଅବସ୍ଥିତ ପ୍ରାୟ ୧୬୫୦ ବର୍ଗଫୁଟ କ୍ଷେତ୍ରଫଳ ଥିବା ଆବାସିକ ଦୁଇ ମହଲା କୋଠା, ସମ୍ବଲପୁରର



ଗୁଡେସିଙ୍ଗାରେ ଅବସ୍ଥିତ ଗୋଟିଏ କୋଠା, ସମ୍ବଲପୁର ସହର ଉପକଣ୍ଠରେ ୨୦ଟି ମୂଲ୍ୟବାନ ପ୍ଲଟ, ନଗଦ ୧୯,୭୨,୪୯୦ ଟଙ୍କା, ସୁନା ଅଳଙ୍କାର, ବ୍ୟାଙ୍କ, ଡାକ ଜମା, ହାଇୱା ଟ୍ରକ୍, ଗୋଟେ ଚାରି ଚକିଆ ଯାନ , ୨ଟି ଟ୍ରାକ୍ଟର, ଏବଂ ୩ଟି ଦୁଇ ଚକିଆ ଯାନ ରହିଛି ।୧୯୯୭ ମସିହାରେଜୁନିଅର କ୍ଲର୍କ ଭାବରେ ପ୍ରାରମ୍ଭିକ ଦରମା ଟଙ୍କା ଥିଲା ୨୫ ହଜାର ସହିତ ଭିମସାରରେ ନିଯୁକ୍ତି ପାଇଥିଲେ । ଜୁନିଅର କ୍ଲର୍କ ଭାବରେ ଯୋଗଦାନ କରିବା ପରଠାରୁ ପ୍ରାୟ ୩ ଦଶନ୍ଧି ଧରି ଭୀମସାର ମେଡିକାଲରେ କାର୍ଯ୍ୟ କରିଆସୁଛନ୍ତି। ଅନ୍ୟପକ୍ଷେ, ଭିମସାରର ସୁପରିଣ୍ଟେଣ୍ଡେଣ୍ଟ ଅଫିସ୍‌ର ପରିଚାଳକ ତଥା ଷ୍ଟିୱାର୍ଡ ଅଶ୍ୱିନୀ ମେହେରଙ୍କ ବିରୋଧରେ ମଧ୍ୟ ସମାନ ଅଭିଯୋଗରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ, ଅଶ୍ୱିନୀଙ୍କ ଆବାସିକ ସରକାରୀ କ୍ୱାର୍ଟର (ମେଡିକାଲ ଷ୍ଟାଫ୍ କଲୋନି, ଭିମସାର, ବୁର୍ଲା), ସୌରଭ ବିହାରରେ ଥିବା ନିର୍ମାଣାଧୀନ ଚାରି ମହଲା କୋଠା, ପଠାଣବନ୍ଧସ୍ଥିତ ଘର, ବରଗଡ଼ ଜିଲ୍ଲାର ଗୋବିନ୍ଦପାଲିସ୍ଥିତ କୋଠା ଏବଂ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସମେତ ମୋଟ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଶେଷ ହୋଇଛି।

## ଧୀରଜ ସେଠ୍ ନୂଆ ସ୍ଥଳ ସେନା ମୁଖ୍ୟ



ନୂଆଦିଲ୍ଲୀ,୩୦ ।୬: ଜେନେରାଲ ଧୀରଜ ସେଠ୍ ମଙ୍ଗଳବାର ୩୧ ତମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ବା ସ୍ଥଳ ସେନା ମୁଖ୍ୟଭାବରେ ପଦଭାର ଗ୍ରହଣ କରିଛନ୍ତି। ସେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନ ନେଇଛନ୍ତି। ନେତୃତ୍ୱରେ ପରିବର୍ତ୍ତନ ସାଉଥ୍ ବ୍ଲକର ଲନ୍‌ରେ ଏକ ସେରେମୋନିଆଲ କମାଣ୍ଡ ଚେଞ୍ଜ ସହିତ ହୋଇଛି। ସେଠାରେ ଜେନେରାଲ ଦ୍ୱିବେଦୀ ଫେୟାରୱେଲ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜେନେରାଲ ସେଠ୍ ଏପ୍ରିଲ ୨୦୨୬ ରୁ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବରେ କାମ କରୁଥିଲେ। ନିଜର ନିଯୁକ୍ତି ସହ ସେ ୧୯୯୭ ରେ ଜେନେରାଲ ଶଙ୍କର ରାୟ ଚୌଧୁରିଙ୍କ ରିଟାୟର ହେବାପରେ ଆର୍ମଡ କୋରରୁ ଆର୍ମି ହେଡ୍ କରୁଥିବା ପ୍ରଥମ ଅଫିସର ହୋଇଛନ୍ତି।

### ବାଣପୁରରେ ଭିଡ଼ହିଂସା

## ଯୁବକଙ୍କୁ ପିଟପିଟି ମାରିବା ଘଟଣାରେ ୨ ଗିରଫ

### ■ ପୋଲିସ ପ୍ରହାର କରିଥିବା ଅଭିଯୋଗ ଖଣ୍ଡନ

ଖୋର୍ଦ୍ଧା, ୩୦ ।୬: ଖୋର୍ଦ୍ଧା ଜିଲାର ବାଲିଅନ୍ତା ଓ ରାୟଗଡ଼ାର ଇନ୍ଦିରାଗୁଡ଼ା ପରେ ଏବେ ବାଣପୁରରେ ଭିଡ଼ ହିଂସାର ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିଷ୍ଠୁର ମାଡ଼ ମାରିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବାଣପୁର ଥାନା ଅନ୍ତର୍ଗତ ଭୀମପୁର ବାଘୁଆପଦର ସାହିର ତୋଫାନ ନାୟକ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ବାଣପୁର ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ଅନ୍ୟ ସମ୍ପୃକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି। ସୂଚନା ମୁତାବକ, ଗତ ୨୮ ତାରିଖ ଅପରାହ୍ନରେ ତୋଫାନଙ୍କୁ ଚୋର ସନ୍ଦେହରେ କିଛି ଗ୍ରାମବାସୀ ଧରି ଏକ ଖୁଣ୍ଟରେ ବାନ୍ଧି ଦିନରେ ସର୍ବସମ୍ମୁଖରେ ନିଷ୍ଠୁର ମାଡ଼ ମାରିଥିଲେ। ଏହି ନିର୍ମମ ମାଡ଼ର ଦୃଶ୍ୟ ନିକଟସ୍ଥ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ସୂଚନା ମିଳିଛି। ୧୧୨ ନମ୍ବରକୁ ଫୋନ୍ ଯୋଗେ ସୂଚନା ପାଇ ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତୋଫାନଙ୍କୁ ଉଦ୍ଧାର କରିଥିଲା। ହେଲେ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନ ପଠାଇ ପ୍ରାୟ ଦୁଇ ଘଣ୍ଟା ଧରି ଥାନାରେ ଅଟକ ରଖିଥିଲା। ପରେ ପରିବାର ଲୋକଙ୍କୁ ଡକାଇ ଏକ ଲିଖିତ ମୁଚାଲିକା ନେବା ପରେ ତାଙ୍କୁ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି ।ଘରକୁ ଫେରିବା ପରେ ତୋଫାନଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଥିଲା। ସେ ରକ୍ତବାନ୍ତି କରିବା ସହ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ପ୍ରଥମେ ବାଣପୁର ଚିକିତ୍ସାଳୟରେ ଚିକିତ୍ସା କରାଇବା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଥାନାରେ ମଧ୍ୟ ତୋଫାନଙ୍କୁ ପୋଲିସ ପ୍ରହାର କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ଖୋର୍ଦ୍ଧା ଏସପି ପରମାର ସ୍ମିତ ପୁରୁଷୋତ୍ତମ ଦାସ ଖଣ୍ଡନ କରିଛନ୍ତି। ଥାନାର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଏସପିଙ୍କ କହିବା ଅନୁଯାୟୀ, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ଏବଂ ସେହି ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଏହି ଘଟଣା ପରେ ବାଣପୁର ଅଂଚଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ଭିଡ଼ ହିଂସା ଏବଂ ପୋଲିସର ଭୂମିକାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ପୋଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି।




## ଜୁଲାଇ ପହିଲାରୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପାଇଁ ପ୍ରି-ଟେଷ୍ଟ

ଭୁବନେଶ୍ୱର,୩୦ ।୬: ଜୁଲାଇ ପହିଲାରୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପାଇଁ ପ୍ରି ଟେଷ୍ଟ ଆରମ୍ଭ ହେବ । ଏଥିପାଇଁ ପ୍ରି ଟେଷ୍ଟ ମୟୂରଭଞ୍ଜ ଓ ଭୁବନେଶ୍ୱରରୁ ଆରମ୍ଭ କରାଯିବ । ରାଜ୍ୟ ଜନ ଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଏହି ସୂଚନା ଦେଇଛନ୍ତି। ଜନ ଗଣନା ପାଇଁ ଏପ୍ରିଲ ୧ରେ ସେଲ୍ଫ ରେମ୍ୟୁନେରସନ ଆରମ୍ଭ ହୋଇଥିଲା। ମେ ୧୫ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଜନଗଣନା ଶେଷ ହେଲା। ତା ପରେ ମ୍ୟାପିଂ ସରିଛି। ଏବେ ସବୁ ଜିଲ୍ଲାରେ ଜିଲ୍ଲାସ୍ତରୀୟ ହ୍ୟାଣ୍ଡ ବୁକ କାମ ଚାଲିଛି। ଫେବୃଆରୀ ୨୦୨୭ରେ ୨ୟ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ। ସେଥିପାଇଁ ଏବେ ପ୍ରସ୍ତୁତ ଆରମ୍ଭ ହୋଇଛି। ଏଥିପାଇଁ ପ୍ରି-ଟେଷ୍ଟ ଆରମ୍ଭ ହେବ। ଫେଜ ୨ରେ ଯେଉଁ ପ୍ରଶ୍ନ , ମୋବାଇଲ ଆପ ଓ ଲୋକଙ୍କ ଫିଡ଼ ବ୍ୟାକ ପାଇଁ ଏହାକୁ କରାଯିବ। ୨୦ ଦିନ ପ୍ରି ଟେଷ୍ଟ ହେବ। ୧୦ରୁ ୧୫ହଜାର ଲୋକଙ୍କୁ ନେଇ ପ୍ରି ଟେଷ୍ଟ ହେବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ଟ୍ରେନିଂ ହେବ।

## ଜଗାର ପାକଶାଳା

# ଝିଙ୍କାରେ ଏକାଧିକ ହାଣ୍ଡି



**ଷା**ଠିଏ ପଉଟି ଭୋଗରୁ ତୁମର କାଢ଼ି ତ ନେଇନି ହରି ... ଭଜନ ସମ୍ରାଟ ଭିକାରି ବଳଙ୍କ ଏହି ପ୍ରସିଦ୍ଧ ଭଜନଟି ଯେତେବେଳେ ବି କେଉଁଠି ବାଜେ ସେତେବେଳେ ମହାପ୍ରଭୁଙ୍କ ପାକଶାଳାର ଷାଠିଏ ପଉଟି ଭୋଗ କଥା ଆଗ ମନେ ପଡ଼େ । ସତରେ ଭାରି ଖାଦ୍ୟପ୍ରିୟ ଆମ କାଳିଆ ଠାକୁର । ଏମିତି କି ଶ୍ରୀମନ୍ଦିରକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି । କାଳକ୍ରମେ ଏହି ଲୋକକଥାକୁ ଲୋକେ ସତ ବୋଲି ଭାବି ନେଇଛନ୍ତି । ସାଧାରଣରେ ପ୍ରଚଳିତ ଏହି କଥାର ବାସ୍ତବତା କିନ୍ତୁ ଭିନ୍ନ । ଲୋକକଥା ମୁତାବକ, ରୋଷ ଘରେ ହାଣ୍ଡି କୁଡୁଆ ଉପରେ ହାଣ୍ଡି ରଖାଯାଇ ମହାପ୍ରସାଦ ପ୍ରସ୍ତୁତ କରାଯାଏ। ପ୍ରଥମେ ଉପର ହାଣ୍ଡି ସିଝିଥାଏ ଶେଷରେ ତଳହାଣ୍ଡି ସିଝେ । ହେଲେ ଏହା ଲୋକଙ୍କର ଭ୍ରାନ୍ତ ଧାରଣା ବୋଲି କୁହନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ସୁଆର ମହାସୁଆର ନିଯୋଗର ସଂପାଦକ । ଶ୍ରୀମନ୍ଦିର ରୋଷଶାଳା ପାକବିଧି ସମ୍ପର୍କରେ ସୂଚନା ଦେବାକୁ ଯାଇ ବରିଷ୍ଠ ସେବକ କୁହନ୍ତି ଯେ ମହାପ୍ରଭୁଙ୍କ ରୋଷଘରେ ସ୍ୱତନ୍ତ୍ର ଶୈଳୀରେ ମହାପ୍ରସାଦ ପ୍ରସ୍ତୁତ କରାଯାଏ। ଏଥି ପାଇଁ ରହିଛି ଅନେକ କଟକଣା। ତେବେ ହାଣ୍ଡି ଉପରେ ହାଣ୍ଡି ବସେ ନାହିଁ। କେବଳ ଝିଙ୍କାରେ ଏକାଧିକ ହାଣ୍ଡି ବସିପାରିବ। ସବୁ ହାଣ୍ଡିକୁ ଜାଳ ବାଜିଥାଏ । ମହାପ୍ରଭୁଙ୍କ ପ୍ରସାଦକୁ ସୁଆର ମହାସୁଆରମାନେ ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରିଥାନ୍ତି। ଶ୍ରୀମନ୍ଦିର ରୋଷ ଶାଳାରେ ୨୪୦ ରୁ ୨୪୨ ଚୁଲା ରହିଛି। ପ୍ରତି ଚୁଲାରେ ୬ଟି ଲେଖା ଝିଙ୍କା ରହିଛି। ରୋଷଘର ବେଢା ଭିତରେ ଥିବା ଗଙ୍ଗା ଯମୁନା କୂଅରୁ ପାଣି ଅଣାଯାଇ ମହାପ୍ରସାଦ ରୋଷେଇ କରାଯାଇଥାଏ। ରୋଷେଇ ବେଳେ କେହି ପାନ କିମ୍ବା କୌଣସି ଦ୍ରବ୍ୟ ସେବନ କରିବେ ନାହିଁ । ଗୀତ ଗାଇବେ ନାହିଁ, କଳହ ବିବାଦ କରିବେ ନାହିଁ, କାନ୍ଦିବେ ନାହିଁ, ଗାଳିଗୁଲଜ କରିବେ ନାହିଁ ଏଭଳି ଅନେକ ନୀତିନିୟମ ସୁଆର ମହାସୁଆରମାନେ ଅନୁସରଣ କରିଥା'ନ୍ତି। ରୋଷେଇ ହେଉଥିବା ହାଣ୍ଡିର ବି ଅଲଗା ଅଲଗା ନାମ ରହିଛି। ଯେମିତିକି ବାଇ ହାଣ୍ଡି, ସମାଧି ହାଣ୍ଡି, ଦାଣିଆ ହାଣ୍ଡି, ଏମାର ହାଣ୍ଡି, ବଡ଼ମଠ ଓ ସାନମଠ ହାଣ୍ଡି । ଏହି ହାଣ୍ଡିଗୁଡ଼ିକରେ ୧୦ କିଲୋରୁ ୧ କିଲୋ ୫୦୦ ଗ୍ରାମ ପର୍ଯ୍ୟନ୍ତ ଚାଉଳ ରୋଷେଇ କରାଯାଇପାରେ। ତେବେ କୋଠ ଭୋଗଖିଆଙ୍କ ରୋଷଶାଳକୁ କେବଳ ଦେଶୀ ଓ ସାତ୍ତ୍ୱିକ ପରିବା ଯାଇଥାଏ । ବିଲାତି ଆଳୁ, ବିଲାତି, ବାଇଗଣ, ସଜନା ଛୁଇଁ, ଲାଉ, ଅମୃତଭଣ୍ଡା, ଭେଣ୍ଡି, ଝୁଡଙ୍ଗ ଛୁଇଁ, ପୋଇ, ଫୁଲକୋବି, ପତ୍ର କୋବି, ବିନ, ବିଟ୍, ଗାଜର, ଶୁଖିଲା ଲଙ୍କା, କଞ୍ଚାଲଙ୍କା, ପିଆଜ ଓ ରସୁଣ ରୋଷଶାଳାକୁ ସମ୍ପୂର୍ଣ୍ଣ ମନା। ସେହିଭଳି କଳାଜିରା, ଲଙ୍କାଗୁଣ୍ଡ, କାଜୁ, ଗୁଜୁରାତି ଇତ୍ୟାଦି ମହାପ୍ରସାଦରେ ବ୍ୟବହାର କରାଯାଏନାହିଁ। କୋଶଳା ଓ ଲେଉଟିଆ ଅଗସ୍ତି ଶାଗ ବ୍ୟତୀତ ଅନ୍ୟ ଶାଗ ମଧ ବାରଣ ରହିଛି। ତେଲ ବ୍ୟବହାର ବି ମନା। କେବଳ ଶୁଦ୍ଧ ଘିଅରେ ପ୍ରସ୍ତୁତ ହୋଇଥାଏ ମହାପ୍ରସାଦ। ମହାପ୍ରଭୁଙ୍କ ରୋଷଶାଳାରେ ଦୁଇ ପ୍ରକାର ଭୋଗ ଶଙ୍କୁଡ଼ି ଓ ନିଶଙ୍କୁଡ଼ି ଭୋଗ ହୋଇଥାଏ। ଶଙ୍କୁଡି ଭୋଗରେ ସାଦା ଅବଢ଼ା ଅନ୍ନ, ଘିଅ ଅନ୍ନ, ଖେଚୁଡ଼ି, କାନିକା, ଅନ୍ନ ରସାବଳୀ, ଡାଲି, ଡାଲମା, ବେସର, ମହୁର, ଶାଗ, ଖଟା ଆଦି ? ରହିଥିବା ବେଳେ ନିଶଙ୍କୁଡ଼ି ଭୋଗ ମଧରେ ଖଜା, ଗଜା, କାକରା, ଆରିସା, ଲଡୁ, ଚକୁଳି, ପୁଳି, ନାଡ଼ି, ବଡ଼ି, ତିପୁରି ମାଠପୁଳି, ଚଢ଼େଇ ନଦା, ମନୋହର, ଝିଲି, ଅମାଲୁ ଆଦି ରହିଛି। ସତରେ କୋଟି ଓଡ଼ିଆଙ୍କ ମଉଡ଼ମଣି କେତେ ଖାଦ୍ୟପ୍ରିୟ ତାହା ଏଥିରୁ ହିଁ ଅନୁମାନ ଲଗାନ୍ତୁ ଯେ ପ୍ରତିଟି ପ୍ରହର,ପ୍ରତିଟି ଉତ୍ସବରେ ଭାବ ବିନୋଦିଆଙ୍କୁ ଭିନ୍ନ ଭିନ୍ନ ପ୍ରକାରର ଭୋଗ ଲାଗେ ।







# ଅଲାରନାଥଙ୍କ

## ସହ ଶ୍ରୀଚୈତନ୍ୟଙ୍କ ସମ୍ପର୍କ

**ଭା**ବର ଠାକୁର ଶ୍ରୀ ଅଲାରନାଥ। ମହାପ୍ରଭୁଙ୍କ ଅଣସର ପାଇଁ ଅଲାରନାଥଙ୍କ ପୀଠ ଏବେ ଚଳଚଞ୍ଚଳ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଅଲାରନାଥଙ୍କ ସହ ରହିଛି ଗଭୀର ସମ୍ପର୍କ। ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ପୁରୀ ଆସିଥିଲେ। ମହାପ୍ରଭୁଙ୍କୁ ସ୍ନାନବେଦିରେ ଦର୍ଶନ କରିଥିଲେ। କିନ୍ତୁ ତା ପରଦିନ ମହାପ୍ରଭୁଙ୍କ ଦର୍ଶନ ପାଇ ନ ଥିଲେ। ମହାପ୍ରଭୁ ଅଣସର ପିଣ୍ଡିକୁ ବିଜେ କରିଥିଲେ । ଶ୍ରୀ ଚୈତନ୍ୟ ନିରାଶ ହୋଇ ସମୁଦ୍ରରେ ଝାସ ଦେବାକୁ ଯିବା ବେଳେ ଶୂନ୍ୟ ବାଣୀ ହୋଇଥିଲା। ପଶ୍ଚିମକୁ ୫ କୋଶ ଦୂର ଯାଇ ମୋର ନାରାୟଣ ରୂପ ଦର୍ଶନ କର । ଶ୍ରୀ ଚୈତନ୍ୟ ଆସି ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରି ଭାବ ବିହ୍ୱଳ ହୋଇଥିଲେ। ଶ୍ରୀ ଚୈତନ୍ୟ ଯେତେବେଳେ ଶିଳା ଉପରେ ସାଷ୍ଟାଙ୍ଗ ପ୍ରଣାମ କଲେ, ତାଙ୍କ ପ୍ରେମଭକ୍ତିର ଉଷ୍ମତାରେ କଠିନ ପଥର ତରଳି ଯାଇଥିଲା। ଆଜି ବି ମନ୍ଦିର ପରିସରରେ ପୂଜା ପାଉଥିବା ସେହି ପବିତ୍ର 'ସର୍ବାଙ୍ଗ ଶିଳା' ଶ୍ରୀ ଚୈତନ୍ୟଙ୍କ ଅପାର ଭକ୍ତିର ପ୍ରମାଣ ଦେଉଛି, ଯାହାକୁ ଦେଖି ଦେଶବିଦେଶରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡୁଛନ୍ତି। ଉକ୍ତ ପୀଠରେ ଏବେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ।



## ପ୍ରଣବ ବିନା ସବୁ ଅସାର

ବିଭିନ୍ନ ମନ୍ତ୍ରର ପ୍ରାରମ୍ଭରେ 'ଓଁ'ର ଉଚ୍ଚାରଣ ହୋଇଥାଏ । 'ଓଁ'କୁ ଏକାକ୍ଷରୀ ମନ୍ତ୍ର ଭାବେ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । 'ଓଁ' ବିନା ସମସ୍ତ ମନ୍ତ୍ର ପ୍ରାଣଶକ୍ତି ବିହୀନ ବୋଲି କୁହାଯାଏ । ତେବେ ଓଁର ନିୟମିତ ଜପ ଆମ ଶରୀର ପାଇଁ ଉପକାରୀ ହୋଇଥାଏ । ନିୟମିତ ସକାଳୁ ଓ ସଂଧ୍ୟାରେ ପଦ୍ମାସନରେ ବସି ଧୀରେ ଧୀରେ ପ୍ରାଣବାୟୁରେ ସମନ୍ୱୟ ଆଣି ଏହି 'ଓଁ' ମହାମନ୍ତ୍ର ଜପ କଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ । ଏହାକୁ ଧୀଶକ୍ତି ବୃଦ୍ଧି କରିବା ସହିତ ମନରେ ଏକାଗ୍ରତା ଆଣିଥାଏ। ଓଁ ମହାମନ୍ତ୍ର ୧୦୮ଥମର ଜପ କରିବା ଦ୍ୱାରା ମାନସିକ ଅବସାଦରୁ ମୁକ୍ତି ମିଳିଥାଏ । ଏହାର ଜପଦ୍ୱାରା ମନରେ କୌଣସି ଖରାପ ଚିନ୍ତା ଉଦ୍ରେକ ହୋଇ ନଥାଏ । ଏହାର ପ୍ରଭାବରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଏହି ମହାମନ୍ତ୍ର ଆତ୍ମା ଓ ପରମାତ୍ମା ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବା ବିଶ୍ୱାସ କରାଯାଏ । 'ଓଁ' ମନ୍ତ୍ର ଜପକଲେ ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ।

# ଧୈର୍ଯ୍ୟ ରଖିଲେ ମିଳେ ଜ୍ଞାନ

*ଧୈର୍ଯ୍ୟ ଏପରି ଏକ ଭାବ ଯାହାଦ୍ୱାରା ବଡ଼ରୁ ବଡ଼ କାମ ହୋଇପାରିଥାଏ । ବିଷମ ପରିସ୍ଥିତିରେ ମନୁଷ୍ୟ ଅନେକ ସମସ୍ୟା ଭୋଗିଥାଏ । ତେଣୁ କେବେହେଲେ ଧୈର୍ଯ୍ୟ ହରାଇବା ଉଚିତ ନୁହେଁ ।*

**ଥ**ରେ ମହାତ୍ମା ବୁଦ୍ଧ ଏକ ସଭାରେ କିଛି ନ କହି ସେଠାରୁ ଚାଲିଗଲେ । ସେହି ସଭାକୁ ଶତାଧିକ ଲୋକ ଆସିଥିଲେ । ଦ୍ୱିତୀୟ ଦିନ କମ୍ ଲୋକ ଆସିଲେ । ତୃତୀୟ ଦିନ ଶ୍ରୋତାଙ୍କ ସଂଖ୍ୟା ଖୁବ୍ କମ୍ ହୋଇଗଲା । ଚତୁର୍ଥ ଦିନରେ କେବଳ ୫୦ ଜଣ ଲୋକ ପହଞ୍ଚିଲେ । ମହାତ୍ମା ବୁଦ୍ଧ ସେଠାକୁ ଆସିଲେ । ସେ ଚାରିଆଡ଼କୁ ଚାହିଁଲେ । ମାତ୍ର କିଛି ନ କହି ଫେରିଗଲେ । ଏହିପରି ସମୟ ବିତି ଚାଲିଲା । ତଥାଗତ ଆସୁଥିଲେ ଏବଂ ଚାଲିଯାଉଥିଲେ । ଶେଷରେ ଦିନେ ତଥାଗତ ପହଞ୍ଚିଲା ବେଳକୁ ଜଣେ ମାତ୍ର ଲୋକ ପ୍ରବଚନ ଶୁଣିବା ଲାଗି ବସିଥିଲା । ତଥାଗତ ପଚାରିଲେ, ଏଠାରେ ତୁମେ କାହିଁକି ବସିଛ ? ସେ କହିଲା, ଧୈର୍ଯ୍ୟ ଯୋଗୁ । ତଥାଗତ ସେହି ଅନ୍ତିମ ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କଲେ । ଧୈର୍ଯ୍ୟ ଏପରି ଏକ ଭାବ ଯାହାଦ୍ୱାରା ବଡ଼ରୁ ବଡ଼ କାମ ହୋଇପାରିଥାଏ । ବିଷମ ପରିସ୍ଥିତିରେ ମନୁଷ୍ୟ ଅନେକ ସମସ୍ୟା ଭୋଗିଥାଏ । ତେଣୁ କେବେହେଲେ ଧୈର୍ଯ୍ୟ ହରାଇବା ଉଚିତ ନୁହେଁ । ଏହି ଜ୍ଞାନ ତଥାଗତଙ୍କ ଜୀବନର ଉକ୍ତ ପ୍ରସଙ୍ଗ ପ୍ରଦାନ କରିଥାଏ ।





## ମା ସମଲେଶ୍ୱରୀଙ୍କ ଦର୍ଶନ ପାଇଲେ ପୂରଣ ହୁଏ

# ମନୋବାଞ୍ଛା



**ମା** ସମଲେଶ୍ୱରୀ ହେଉଛନ୍ତି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ । ମା'ଙ୍କ ପ୍ରତି କେବଳ ଓଡିଶା ନୁହେଁ ରାଜ୍ୟ ବାହାରର ଲୋକଙ୍କ ଅଖଣ୍ଡ ବିଶ୍ୱାସ ରହିଛି । ମା ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ । ସେଥିପାଇଁ ଏଠାରେ ବର୍ଷ ତମାମ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥାଏ । ପ୍ରାୟତଃ ମା' ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ମା'ଙ୍କ ପୂଜା ମଧ୍ୟରୁ ନୂଆଁଖାଇ ପର୍ବ ହେଉଛି ସ୍ୱତନ୍ତ୍ର ପର୍ବ । ମା ସମଲେଶ୍ୱରୀଙ୍କ ମନ୍ଦିର ରାଜା ବଳରାମ ଦେବଙ୍କ ସମୟରେ ନିର୍ମାଣ ହୋଇଥିଲା । ଏହାସହ ମା ସମଲେଶ୍ୱରୀଙ୍କ ପୀଠରେ ରାଜା ରାଜୁଡା ଅମଳରୁ ଷୋଡଶ ଉପଚାର ପୂଜା ହୋଇ ଆସୁଛି । ଏଠାରେ ମା'ଙ୍କ ୧୬ଟି ଜ୍ୟୋତି ସ୍ୱରୂପକୁ ପୂଜା କରାଯାଇଥାଏ । ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ଦିନ ଧରି ଏଠାରେ ପୂଜା ହୋଇଥାଏ । ଏହି ପୀଠରେ ମାଙ୍କ କେବଳ ୨ଟି ବେଶ ହୋଇଥାଏ ତାହା ହେଲା ଗଙ୍ଗା ବେଶ ବା ଧବଳମୁଖୀ ବେଶ ଓ ରାଜରାଜେଶ୍ୱରୀ ବେଶ । ତେବେ ଏଠାରେ ମାଙ୍କ ଯଥାକ୍ରମେ ଦୁର୍ଗା, ନାରାୟଣୀ, ଈଶାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବ ମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ, ସନାତନୀ ସ୍ୱରୂପରେ ପୂଜା ହୋଇଥାଏ । ପ୍ରତ୍ୟେକ ଦିନ ରାତି ୮ଟାରେ ମାଙ୍କ ଆଳତି ସମୟରେ ଏହି ସ୍ୱରୂପଙ୍କୁ ପୂଜା କରାଯାଇଥାଏ । ତେବେ ଏହି ପୀଠର ବୈଶିଷ୍ଟ୍ୟ ହେଉଛି ଏଠାରେ ବ୍ରାହ୍ମଣମାନେ ପୂଜା କରନ୍ତି ନାହିଁ ଏଠାରେ ସମ୍ବଲପୁର ରାଜାଙ୍କ ବଂଶଜ ରାଜପୁତ ସମ୍ପ୍ରଦାୟର ଲୋକେ ପୂଜା କରି ଆସୁଛନ୍ତି । ଏହା ସହ ଏଠାରେ ରାଜସିକ ପଦ୍ଧତିରେ ପୂଜା ହୋଇଥାଏ । ୧୬ଦିନ ଧରି ମାଙ୍କ ଯେଉଁ ୧୬ଟି ସ୍ୱରୂପର ପୂଜା ହୋଇଥାଏ, ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ଆଉ ଭିନ୍ନ ଭିନ୍ନ ଭୋଗ ଲାଗିଥାଏ । ଏଠାରେ କାକରା, ସରସତିଆ, ଖଇ, ଛେନା ଭୋଗ, ଫଳ, ଗୁଡ଼ ପିଠା ଆଦି ଭୋଗ ଲାଗିଥାଏ । ମା ସମଲେଶ୍ୱରୀ ଯେବେଠାରୁ ସମ୍ବଲପୁରରେ ପୂଜା ପାଇ ଆସୁଛନ୍ତି ସେବେଠାରୁ ପୂରା ପଶ୍ଚିମ ଓଡ଼ିଶାର ସେ ହେଉଛନ୍ତି ଅଧିଷ୍ଠାତ୍ରୀ ଦେବୀ। ମା'ଙ୍କ ନିକଟକୁ ଯିଏ ଆସିଛି ସେ କେବେ ଖାଲି ହାତରେ ଫେରିନାହିଁ । ମା'ଙ୍କୁ ଯିଏ ଯେତେବେଳେ ଯାହା ମାଗିଛି ତାହା ସବୁବେଳେ ପୂରଣ ହେଇଛି । ମା ସମଲେଶ୍ୱରୀଙ୍କୁ ଦର୍ଶନ କରିବା ପାଇଁ କାହିଁ କେତେ ଦୂର ଦୁରାନ୍ତରୁ ଭକ୍ତ ମାନେ ଆସିଥାନ୍ତି । ଦଶହରା, ଚୈତ୍ର ମାସରେ ମା'ଙ୍କ ମନ୍ଦିରରେ ପ୍ରବଳ ଭିଡ ହୋଇଥାଏ । ମା'ଙ୍କର ଟିକେ ଦର୍ଶନ ପାଇବା ପାଇଁ ଭକ୍ତ ମାନେ ଭୋରରୁ ଭିଡ ଜମାଇଥାନ୍ତି । ସେହିପରି ମାଙ୍କର ମନ୍ଦିର ପ୍ରତ୍ୟେକ ଦିନ ଭୋର ୪ଟାରୁ ଖୋଲା ଯାଇ ମା'ଙ୍କର ରୀତିନୀତି ସମ୍ପନ୍ନ କରାଯାଇଥାଏ । ଭୋର ୫ଟାରେ ମାଙ୍କର ମଙ୍ଗଳ ଆଳତି କରାଯାଇଥାଏ । ସେହିପରି ଦିନ ୧୧.୩୦ ସମୟରେ ପହଡ଼ ପଡି ଥାଏ । ୧୨.୧୫ ମିନିଟରେ ପୁଣି ଭକ୍ତ ମାନେ ଦର୍ଶନ କରିଥାନ୍ତି । ଏହାପରେ ପୁଣି ରାତି ୭.୩୦ସମୟରେ ମା'ଙ୍କର ଆଳତି ହୋଇ ରାତି ୧୦.୩୦ ସମୟରେ ମନ୍ଦିର ବନ୍ଦ ହୋଇଥାଏ ।

**ଏହି ପୀଠରେ ମାଙ୍କ କେବଳ ୨ଟି ବେଶ ହୋଇଥାଏ ତାହା ହେଲା ଗଙ୍ଗା ବେଶ ବା ଧବଳମୁଖୀ ବେଶ ଓ ରାଜରାଜେଶ୍ୱରୀ ବେଶ ।**

## କେଉଁଠି ଅଛି ମା'ଙ୍କର ଭବ୍ୟ ମନ୍ଦିର ?



**ଭ**କ୍ତଙ୍କୁ ଦର୍ଶନ ଦେବାକୁ ଧରାପୃଷ୍ଠକୁ ଓହ୍ଲାଇ ଆସିଛନ୍ତି ମା' ଦୁର୍ଗା । ସାରା ଦେଶରେ ନବରାତ୍ରିର ଧୁମ୍ ଚାଲିଥିବା ବେଳେ ମା'ଜଗଦମ୍ବାଙ୍କ ଆରାଧନା କରୁଛନ୍ତି ଭକ୍ତ । କନ୍ୟାପୂଜନଠାରୁ ଆରମ୍ଭ କରି ଦାଣ୍ଡିଆ,ଗରବା ନାଚ କରି ନବରାତ୍ରି ପାଳନ କରୁଛନ୍ତି ଲୋକେ । ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରୂପରେ ପୂଜା ପାଉଛନ୍ତି ମା' ଆଦିଶକ୍ତି । ତେବେ ଖାଲି ଭାରତ କାହିଁକି ବିଦେଶରେ ମଧ ମା'ଙ୍କର ହୁଏ ପୂଜା । ବିଦେଶରେ ମଧ ଭକ୍ତ ମା'ଙ୍କୁ କରନ୍ତି ଆବାହନ । ସୁଦୂର ଥାଇଲାଣ୍ଡରେ ମା'ଙ୍କ ଏକ ମନ୍ଦିର ରହିଛି । ଯେଉଁଠି ମା' କାଳରାତ୍ରୀ ବେଶରେ ପୂଜା ପାଆନ୍ତି । ବର୍ତ୍ତମାନ ସୋସିଆଲ୍ ମିଡିଆରେ ମା'ଙ୍କର ଏହି ମନ୍ଦିରର ମୂର୍ତ୍ତି ଭାଇରାଲ୍ ହେଉଛି ଯାହାକୁ ବିଦେଶୀ ଭକ୍ତ ପୂଜା କରୁଛନ୍ତି । ଏହି ମୂର୍ତ୍ତିଟି ଏଭଳି ନିଖୁଣ ଢ଼ଙ୍ଗରେ ତିଆରି ହୋଇଛି ଯେ ଯେକେହିବି ପ୍ରଥମେ ଦେଖିବେ ଏହାକୁ ସତ ହିଁ ମାନିବେ । ଅର୍ଥାତ ମୂର୍ତ୍ତିଟିକୁ ଏତେ ଜୀବନ୍ତ ସ୍ପର୍ଶ ଦିଆଯାଇଛି ଯେ ସତରେ ଯେମିତି ମା' ଛିଡ଼ା ହେଲା ପରି ଦିଶୁଛନ୍ତି । ପ୍ରତିଦିନ ଏହି ମନ୍ଦିରକୁ ଶହ ଶହ ବିଦେଶୀ ଶ୍ରଦ୍ଧାଳୁ , ସେଲିବ୍ରିଟି , ବଡ଼ ବଡ଼ ନେତା ଆସି ମା'କାଳୀଙ୍କ ଆଶୀର୍ବାଦ ନେଉଛନ୍ତି । ଥାଇଲାଣ୍ଡର ଶ୍ରଦ୍ଧାଳୁ ମା' କାଳୀଙ୍କୁ ବହୁତ ମାନନ୍ତି , ଆଉ ଏହି ମନ୍ଦିରର ପଣ୍ଡିତ ମା'ଙ୍କ ମୁଖ ପାଖରେ ଅନ୍ୟ ଏକ ମୁଖା ରଖି ଆଶୀର୍ବାଦ ସ୍ୱରୁପ ଭକ୍ତଙ୍କ ମୁଖ ପାଖରେ ଲଗାଇଥା'ନ୍ତି । ବିଦେଶୀ ଭକ୍ତ ମା'ଙ୍କ ପାଇଁ ଫଳମୂଳ ସହ ଫୁଲତୋଡ଼ା ଘେନି ଆଣିଥା'ନ୍ତି । ଖାଲି ମା' କାଳରାତ୍ରୀ ନୁହେଁ ମନ୍ଦିରରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶ,ମାତା ପାର୍ବତୀ, କାର୍ତ୍ତିକେୟ , ମହାଦେବ, ଶିବଲିଙ୍ଗ ଏବଂ ଲକ୍ଷ୍ମୀ ନାରାୟଣଙ୍କ ଭଳି ଅନ୍ୟାନ୍ୟ ଦେବଦେବୀ ମଧ ପୂଜା ପାଉଛନ୍ତି । ଏଥିରୁ ଜଣାପଡୁଛି ଭାରତୀୟ ସଂସ୍କୃତି ଏବଂ ସନାତନ ଧର୍ମର ଛାପ ଏବେ ବିଦେଶରେ ମଧ ପରିବ୍ୟାପ୍ତ ହେଲାଣି ।

# ପୋଲିଓ ବୁନ୍ଦା ଖାଇଲେ ୬୯୬୦ଶିଶୁ

ଭାପୁର,(ନିପ୍ର)ଭାପୁର ବ୍ଲକରେ ଗତ ତିନି ଦିନ ଧରି ଚାଲିଥିବା ଶିଶୁଙ୍କୁ ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ସମାପ୍ତ ହୋଇଛି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୭୦୦୦ ଜଣ ଶିଶୁ ଙ୍କୁ ବୁନ୍ଦା ଖୁଆଇବା ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ଶତପ୍ରତିଶତ ସଫଳ ହୋଇଛି ଅର୍ଥାତ ୬୯୬୦ ଜଣ ଶିଶୁ ଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପ୍ରକାଶ ।ସ୍ୱାସ୍ଥ୍ୟକର୍ମୀ ଘର କୁ ଘର ବୁଲି ପୋଲିଓ ବୁନ୍ଦା ଦେବା ସହିତ ୪୫ ଗୋଟି ବୁଥ ଅର୍ଥାତ ଅଙ୍ଗନବାଡି କେନ୍ଦ୍ର ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଶିଶୁ ପୋଲିଓ ବୁନ୍ଦା ନେଇଛନ୍ତି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ ବିଶ୍ୱନାଥ ସାହୁ ଙ୍କ ନେତୃତ୍ୱ ରେ ୧୨୦ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ,ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସୁପରଭାଇଜର ମାନେ ଏହି ପୋଲିଓ ବୁନ୍ଦା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିଲେ।

# ପ୍ରଧାନ ଶିକ୍ଷକଙ୍କ ଅବସର ସମ୍ବର୍ଦ୍ଧନା ଉତ୍ସବ

କୃଷ୍ଣପ୍ରସାଦ,(ନି ପ୍ର ): ପୁରୀ ଜିଲ୍ଲାର କୃଷ୍ଣ ପ୍ରସାଦ ବ୍ଲକ ଅନ୍ତର୍ଗତ ବେତ ଗୋରୋଡ଼ି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚରଣ ବେହେରାଙ୍କ ଅବସର କାଳୀନ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଧନା ଉତ୍ସବରେ ସାତପଡ଼ା ସର୍କଲ ପ୍ରାଥମିକ ଶିକ୍ଷକ ସଂଗଠନର ସଭାପତି ସୁବାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୃଷ୍ଣ ପ୍ରସାଦ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟକୁ ଆରମ୍ଭ କରିଥିଲେ। ଅନ୍ୟତମ ବିଶିଷ୍ଟଅତିଥି ଭାବରେ ଗୋପୀନାଥପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସରୋଜ ଲେଙ୍କା ମଧ୍ୟ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଗଠନର ଯୁଗ୍ମ ସମ୍ପାଦକ ଅଭିରାମ କେଇ,ସି ଆର ସି ସି ଦାଶରଥି ଶତପଥୀ,ବିରଞ୍ଚି ସୁଆ,ଧ୍ରୁବ ଚରଣ ପ୍ରଧାନ, ରମେଶ ବେହେରା, ଗ୍ରାମ ସଭାପତି ବଳଭଦ୍ର ନାୟକ, ବିଦ୍ୟାଳୟ ପରିଚାଳନା ର ସଭାନେତ୍ରୀ ,ଅର୍ଜୁନ ସାହୁ, ପ୍ରଧାନ ଶିକ୍ଷୟତ୍ରୀ ମୀରା ସୁନ୍ଦରୀ, ପଦ୍ମ ଚରଣ ବେହେରା,ପ୍ରମୁଖ ଯୋଗ ଦାନ କରିଥିଲେ। ଏ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ବିକାଶ ଦିଗରେ ପ୍ରଧାନ ଶିକ୍ଷକ ଚରଣ ବେହେରାଙ୍କ ଭୂମିକା ଅବିସ୍ମରଣୀୟ ଅଟେ। ଗ୍ରାମ ବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ତଥା ଛାତ୍ରଛାତ୍ରୀ ମାନଙ୍କ ତରଫରୁ ଚରଣ ସରଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା ।

# ନିରବଚ୍ଛିନ୍ନ ବିଦ୍ୟୁତ ସେବା ଦାବିରେ ଗଣଧାରଣା ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ



ନିଆଳି,(ନିପ୍ର): ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଦାବିରେ ନିଆଳି ତହସିଲ ସମ୍ମୁଖରେ ବିଜେଡି ନେତା ନ୍ୟାୟବ୍ରତ ରାଉତଙ୍କ ନେତୃତ୍ୱରେ ପୂର୍ବାହ୍ନରୁ ଚାଲିଥିବା ଗଣ ଧାରଣା ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି। ଏହି ଆନ୍ଦୋଳନରେ ନିଆଳି ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା,ବିଜେଡି ସଂଗଠନର ଜଣେ ପ୍ରମୁଖ ସଂଗଠକ ଅଭିମନ୍ୟୁ ମଲ୍ଲିକ,ସେକ୍ ହସନ୍‌ଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ ସମିତିସଭ୍ୟ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ଅଘୋଷିତ ବିଦ୍ୟୁତ୍‌କାଟ୍ ସମେତ ଏବଂ ଦୈନଦିନ ବିଦ୍ୟୁତ୍ ସମସ୍ୟା ସୁଧାରିବା ପାଇଁ ଦାବି କରିବା ଘଟଣା ବିଦ୍ୟୁତ୍ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ପାଲଟିଥିଲା। ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ସାହୁ, ସହକାରୀଯନ୍ତ୍ରୀ ବିଚିତ୍ରାନନ୍ଦ ଡାକୁଆ, ନିଆଳି ତହସିଲଦାର ତାରେଣୀ ରଂଜନ ରାୟ,ନିଆଳି ଆଇଆଇସି ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଆନ୍ଦୋଳନକାରୀଙ୍କ ନିକଟରେ ପହଁଞ୍ଚି ନିୟମିତ ବିଦ୍ୟୁତ୍ ସେବା ଭଳି କେତେକ ସମସ୍ୟା ଆସନ୍ତା ୧୦ ତାରିଖ ମଧ୍ୟରେ ସମାଧାନ କରାଯିବ ଓ ଶଳେଇ,ବନମାଳିପୁର ରାସ୍ତା ପାର୍ଶ୍ୱ ଚାରିପଡାଗଡ ୩୩ କେଭି ବିଦ୍ୟୁତ୍ ଫିଡରକୁ କାର୍ଯ୍ୟକ୍ଷମ ଓ ସଂଯୋଗ ସମାୟନୁକ୍ରମେ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମେତ ଜନସାଧାରଣ ସାମିଲ୍ ହୋଇଥିଲେ।


13001/1026/2627

**OFFICE OF THE MUNICIPAL COUNCIL, TALCHER**
**'e' – Procurement Notice**

Tender Reference No. TCRM-07/2026-27
Bid Identification No.2026_ORULB_133707
No. 2268 / Dt. 27/06/2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 2 Nos. |
| 3) | Estimated Cost | :- | Rs.11.49 lakhs to Rs.18.00 lakhs |
| 4) | Period of Completion | :- | As por DTCN |
| 5) | Date & time of availability of Bid document in the portal | :- | dt.30.06.2026 at 4.00 PM |
| 6) | Last date & time for receipt of Bid in the portal | :- | dt.10.07.2026 at 5.00 PM |
| 7) | Date of Opening Bid | :- | dt.13.07.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

Executive Officer
Talcher Municipality

OIPR-13001/13077/1/26-27/0019



**WALK-IN-INTERVIEW**

Walk-In-Interview for the post of Lecturer in physics, Mathematics & Botany in Science Stream, Tourism & Hospitality, DAI (Agriculture) in Vocational Trade on the basis of Guest faculty for 2026-27 in respect of Kandakhai H.S.School & Govt. Vocational H.S.School, Kandakhai, Bajrakote, Puri. The interested candidates secured 55% marks in P.G. levels are invited to apply within seven days from the date of Advertisement.

**Sd/-Principal**
Principal Incharge Cum-Secretary
Kandakhai Higher Secondary School
of Science & Arts, Po-Bajrakote, Dist-Puri


# ଝୁଲେନ ପୋଲ ନିର୍ମାଣ ଶୀଘ୍ର ଶେଷ ନ କଲେ ଆନ୍ଦୋଳନ

## କୁଚିଣ୍ଡା ଟାଉନ କଂଗ୍ରେସ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରକୁ ସଂଯୋଗ କରୁଥିବା ବ୍ରିଟିଶ ଅମଳର ଝୁଲେନ ପୋଲ ଆଜକୁ ୩ବର୍ଷ ହେବ ଭାଙ୍ଗିଯାଇଛି। ପୂର୍ତ୍ତବିଭାଗ ନିୟନ୍ତ୍ରଣରେ ସେଠାରେ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ୨୦୨୬ଜୁନ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବାକୁ କୁଚିଣ୍ଡା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗା ମନ୍ତ୍ରୀ ଅଞ୍ଚଳବାସୀଙ୍କୁ ପ୍ରତିଶୃତି ଦେଇଥିଲେ ହେଁ ଏହା ପାଣିର ଗାର ହୋଇଥିବା ଅଭିଯୋଗ କରି କୁଚିଣ୍ଡା ନଗର କଂଗ୍ରେସ ପକ୍ଷରୁ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୋଲ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ନହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କୁଚିଣ୍ଡାର ଜୀବନରେଖା ଭାବେ ପରିଚିତ ଝୁଲେନ ପୋଲ ଉପରେ ଲକ୍ଷାଧିକ ଜନସାଧାରଣ ନିର୍ଭର କରନ୍ତି। ମାତ୍ର ପୋଲ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ୨୦୨୭ ଜୁନ ସୁଦ୍ଧା ବି ଏହାର କାର୍ଯ୍ୟକ୍ଷମ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାଛଡା ଲସା-ମହୁଲଡିହି ପୋଲ କାର୍ଯ୍ୟ ସରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଆପ୍ରୋଚ ରୋଡ କାମ ନକରି ଠିକା ସଂସ୍ଥା ପକାଇ ରଖିଛି। ଫଳରେ ଜନସାଧାରଣଙ୍କ ଯାତାୟାତରେ ଗୁରୁତର ଅସୁବିଧା ହେଉଛି। ଅନ୍ୟପକ୍ଷେ କୁଚିଣ୍ଡା ନଗରବାସୀ ପାଇଁ ଗ୍ରୀଷ୍ମ ଋତୁରେ ନିୟମିତ ପାନୀୟ ଜଳ ଯୋଗାଣ କରିବା ଏବଂ ତିନିମାସ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ହିତାଧିକାରୀଙ୍କୁ ଅବିଳମ୍ବେ ଭତ୍ତା ପ୍ରଦାନ ପାଇଁ ଦାବି କରାଯାଇଛି। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସଞ୍ଜୟ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରି ଏଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଅଖିଳ ପ୍ରତାପ ସିଂ, କେଦାରନାଥ ବରିହା, ଲବଣୀଧର ନାଏକ,ଡା.ଦିଲିପ ପଟେଲ,ଡା.ଶରତ ଚନ୍ଦ୍ର ଗୌନ୍ତିଆ,ଯତିନ୍ଦ୍ର ସାହୁ, ଜଗନ୍ନାଥ ବେହେରା, ତ୍ରିନାଥ ମହାପାତ୍ର,ଅନିତା ସୁତାର, ବିଳାସିନୀ ବାଘ, କୁମୁଦିନୀ ସୋହେଲା, ଇଲାବତୀ ପୋଡ଼, ରଜନୀ ରଣବଡା,ସୂର୍ଯ୍ୟକାନ୍ତୀ ଛତ୍ରିଆ,ବସୁନ୍ଧରା ବାଘଙ୍କ ସମେତ ବହୁସଂଖ୍ୟକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ରଥଯାତ୍ରା ପ୍ରସ୍ତୁତି ଓ ବର୍ଷାଜନିତ ଜଳବନ୍ଦୀ ପରିସ୍ଥିତିର ସମୀକ୍ଷା କଲେ ମେୟର ଓ କମିଶନର

କଟକ(ନିପ୍ର) : ପବିତ୍ର ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧା ଏବଂ ସହରର ସୁଚାରୁ ପରିଚାଳନାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ମଙ୍ଗଳବାର କଟକ ମହାନଗର ନିଗମ ମେୟର ସୁବାସ ସିଂହ ଓ ସିଏମସି କମିଶନର ସହରର ବିଭିନ୍ନ ରଥଯାତ୍ରା ସ୍ଥଳ ଏବଂ ବର୍ଷାଜନିତ ଜଳବନ୍ଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ମେୟର ଓ କମିଶନର ରଥଯାତ୍ରା ସମୟରେ କୌଣସି ପ୍ରକାର ସମସ୍ୟା ସୃଷ୍ଟି ନହେବା ପାଇଁ ସମସ୍ତ ପ୍ରସ୍ତୁତିକୁ ଯାଞ୍ଚ କରିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଭକ୍ତମାନଙ୍କର ଯାତାୟାତ, ପରିମଳ ବ୍ୟବସ୍ଥା, ପାନୀୟ ଜଳ, ଆଲୋକୀକରଣ, ସଫେଇ, ଜରୁରୀକାଳୀନ ସେବା ଏବଂ ଟ୍ରାଫିକ୍ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହାପରେ ସେମାନେ ସହରର ବିଭିନ୍ନ ଜଳବନ୍ଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରି ଡ୍ରେନେଜ୍ ବ୍ୟବସ୍ଥା ମାଧ୍ୟମରେ ବର୍ଷାଜଳର ଶୀଘ୍ର ନିଷ୍କାସନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଜଳ ନିଷ୍କାସନରେ କୌଣସି ବାଧା ନରହିବା, ପମ୍ପିଂ ବ୍ୟବସ୍ଥାକୁ ସଦା ସକ୍ରିୟ ରଖିବା, ଡ୍ରେନ୍‌ଗୁଡ଼ିକର ନିୟମିତ ସଫେଇ ଏବଂ ବର୍ଷା ସମୟରେ ତୁରନ୍ତ ପ୍ରତିକ୍ରିୟା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ମେୟର କହିଲେ ଯେ, ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ପରିବେଶ ଯୋଗାଇ ଦେବା ସିଏମସିର ପ୍ରାଥମିକ ଦାୟିତ୍ୱ।

# ଆସିକା ଗଣ୍ଡପଲ୍ଲୀରେ ଗୋଷ୍ଠୀ ସଂଘର୍ଷ: ଉଭୟ ପକ୍ଷର ୮ ଗୁରୁତର

ଆସିକା (ନିପ୍ର): ଆସିକା ଥାନା ଆସିକା ଏନଏସି ଅଧୀନ ୱାର୍ଡ ନମ୍ବର ୮ ଗଣ୍ଡପଲ୍ଲୀରେ ଗୋଷ୍ଠି ସଂଘର୍ଷ ଘଟି ଉଭୟ ପକ୍ଷର ୮ଜଣ ଗୁରୁତର ହୋଇ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି। ସେଥି ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମ କେସିଜି ସ୍ଥାନାନତରିତ କରାଯାଇଛି। ପ୍ରକାଶ ଥାଉକି ସାଧାରଣ ଘଟଣା କୁ କେନ୍ଦ୍ର କରି ଆସିକା ଗଣ୍ଡପଲ୍ଲୀ ର ମନୋଜ ଦାସ, ପ୍ରଶାନ୍ତ ଦାସ, ପିତାମ୍ବର ଦାସ,ଶ୍ୱେତ ଦାସ, ପପୁ ଦାସ, ଶ୍ରୀମତୀ ଗୌରୀ ଦାସ ଗୋଷ୍ଠୀ ସହ ଉକ୍ତ ସାହିର ରିଙ୍କୁ ଦାସ, ଗୌତମ ଦାସ ଗୋଷ୍ଠୀ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ଓ ପରେ ଉଭୟ ପକ୍ଷ ମଧ୍ୟରେ ଲୁହା ରଡ଼, କତି ଓ ଠେଙ୍ଗାରେ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇ ଉଭୟ ଗୋଷ୍ଠୀର ସମସ୍ତେ ଆହତ ହୋଇ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଥିଲେ। ଆହତମାନଙ୍କ ମଧ୍ୟରୁ ରିଙ୍କୁ ଦାସ, ପ୍ରଶାନ୍ତ ଦାସ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମ କେ ସି ଜି କୁ ସ୍ଥାନାନ୍ତରିତ କରାଯାଇଛି। ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଉତ୍ତ୍ୟକ୍ତ ଜନତା ଗ୍ରୀଡ୍‌ରେ ତାଲା ପକାଇଲେ ଦୁଇଦିନ ବିଦ୍ୟୁତ୍ ଯୋଗାଣ ବନ୍ଦ ନେଇ ପ୍ରତିବାଦ



କୁଚିଣ୍ଡା,୩୦।୬(ନିପ୍ର) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର କୁସୁମୀ ଗ୍ରୀଡ ସ୍ୱଷ୍ଟେସନ ଅଞ୍ଚଳରେ ଦୁଇଦିନ ଧରି ବିଦ୍ୟୁତ ଯୋଗାଣ ବନ୍ଦ ହୋଇଥିବା ପ୍ରତିବାଦରେ ମଙ୍ଗଳବାର ଉତ୍ତ୍ୟକ୍ତ ଜନତା କୁସୁମୀ ଗ୍ରୀଡ ସ୍ୱଷ୍ଟେସନ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଟାଟା ପାୱାରର ମନମୁଖି କାର୍ଯ୍ୟ ତଥା ଦୁଇଦିନ ଧରି ବିଦ୍ୟୁତ ଯୋଗାଣ ବନ୍ଦ ଯୋଗୁଁ କୁସୁମୀ, କୁନ୍ତରା, କୁ.ଜମନକିରା ଓ ସୁନ୍ଦରଗଡ ଜିଲ୍ଲାର ଦୁର୍ଗା ପଞ୍ଚାୟତର ଜନସାଧାରଣ ଅନ୍ଧାରରେ ରହିଛନ୍ତି। ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇନଥିବା ପ୍ରତିବାଦରେ ଏଭଳି ତାଲାବନ୍ଦ ଆନ୍ଦୋଳନ ହୋଇଥିବା କୁହାଯାଉଛି। ଖବରପାଇ କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାଶ ଓ କୁଚିଣ୍ଡା ଟିପିଡ୍ଲୁଡିଏଲ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶୀଘ୍ର ବିଦ୍ୟୁତ୍ ଯୋଗାଣର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ବିଜେପି ଯୁବମୋର୍ଚ୍ଚା ସାଂଗଠନିକ ଜିଲ୍ଲାର ନୂତନ କମିଟି ଘୋଷଣା

ବୁଗୁଡ଼ା (ନିପ୍ର): ଭାରତୀୟ ଜନତା ଯୁବମୋର୍ଚ୍ଚା ଭଞ୍ଜନଗର ସାଂଗଠନିକ ଜିଲ୍ଲା (ଘୁମୁସର)ର ନୂତନ କର୍ମକର୍ତ୍ତା ତାଲିକା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଓ ଭାରତୀୟ ଜନତା ପାର୍ଟି ଭଞ୍ଜନଗର ସାଂଗଠନିକ ଜିଲ୍ଲା ସଭାପତି ନୀଳମାଧବ ପାତ୍ରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି କୃଷ୍ଣ ଚନ୍ଦ୍ର ମହାପାତ୍ର ନୂତନ ଯୁବମୋର୍ଚ୍ଚା ଟିମ୍ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଜିଲ୍ଲାରେ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜବୁତ କରିବା ଲକ୍ଷ୍ୟରେ ଏହି କମିଟି ଗଠନ କରାଯାଇଥିବା ସୂଚନା ମିଳିଛି। ଏହି ନୂତନ ଜିଲ୍ଲା କମିଟିରେ ପୋଲସରା ନିର୍ବାଚନ ମଣ୍ଡଳୀରୁ ୪ ଜଣ ସକ୍ରିୟ ଯୁବ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସ୍ଥାନିତ କରାଯାଇଛି। ଜିଲ୍ଲା ଉପସଭାପତି ଭାବେ ଦୁର୍ଗା ପ୍ରସାଦ ବେହେରା, ଜିଲ୍ଲା ସମ୍ପାଦକ ଭାବରେ ଶୁଭମ୍ ପ୍ରସାଦ ସାହୁ, କାର୍ଯ୍ୟାଳୟ ସମ୍ପାଦକ ଭାବରେ ଶୁଭମ ମିଶ୍ର ,ଆଇଟି ଏବଂ ସାମାଜିକ ଗଣମାଧ୍ୟମ ସମ୍ପାଦକ ଭାବରେ ସୋରେନ କୁମାର ପ୍ରଧାନଙ୍କ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ନୂତନ ଦାୟିତ୍ୱ ମିଳିବା ପରେ ପୋଲସରା ନିର୍ବାଚନ ମଣ୍ଡଳୀର ବିଜେପି କର୍ମୀ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

# ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

ପିପିଲି(ନିପ୍ର): ଦାଦାବଟିକୁ କେନ୍ଦ୍ରକରି ପିପିଲି ଏସଡିପିଓଙ୍କ ଅଧିନ ବଳଙ୍ଗା ଥାନା ଅନ୍ତର୍ଗତ ଅଲଣ୍ଡାପଡ଼ା ଗ୍ରାମକୁ ପଲ୍ସ ପୋଲିଓ ଭାକ୍ସିନ ଆଣି ଆସିଥିବା ଜଣେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଥାନା କେସ ନଂ ୧୯୯/୨୬ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସତ୍ୟବାଦୀ ଥାନା ଅନ୍ତର୍ଗତ ସୁଁଆଲୋ ଗ୍ରାମର ବାସୁଦେବ ମିଶ୍ର ବଳଙ୍ଗା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବାସୁଦେବ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରିଛନ୍ତି। ବାସୁଦେବ ସୋମବାର ସକାଳେ ଅଲଣ୍ଡା ପଡ଼ା ଗ୍ରାମର ଆଶାଦିଦି ଅନୁଶୟା ଶତପଥିଙ୍କୁ ପଲ୍ସ ପୋଲିଓ ଭାକ୍ସିନ ଦେବା ପାଇଁ ଆସିଥିଲେ। ଅନୁଶୟାଙ୍କ ଘର କବାଟ ବନ୍ଦ ଥିବାରୁ ବସୁଦେବ ତାଙ୍କ କବାଟ ବାଡ଼େଇ ତାଙ୍କୁ ଡାକିଥିଲେ। କିଛି ସମୟ ପରେ ଅନୁଶୟାଙ୍କ ପୁଅ ରାଜେଶ ଶତପଥି ଆସି କବାଟ କିଏ ବାଡଉଥିଲା ବୋଲି ପଚାରିଥିଲା। ବାସୁଦେବ ନିଜେ କବାଟ ବାଡଉଥିଲେ ବୋଲି କହିବାରୁ ରାଜେଶ ହଠାତ୍ ରାଗି ଯାଇ ବାସୁଦେବଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରି ରାସ୍ତା ଉପରକୁ ଠେଲି ଦେଇଥିଲା। ବାସୁଦେବ ତଳେ ପଡ଼ିଯିବା ବେଳେ ଆସାମୀ ରାଜେଶ ତାଙ୍କ ସାର୍ଟ ପକେଟରୁ ୧ ହଜାର ଟଙ୍କା ଓ ହାତରେ ପିନ୍ଧି ଥିବା ୨ହଜାର ଟଙ୍କାର ଘଡିକୁ ନେଇଯାଇଥିଲା। ଏହି ସମୟରେ ପାଖରେ ଥିବା ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ଯୁଧିଷ୍ଠିର ସେନାପତି ଆସି ବାସୁଦେବଙ୍କୁ ଉଦ୍ଧାର କରିବାରେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଯଦି ଗାଁକୁ ଆସିବାର ଅଛି ମତେ ୧୦ ହଜାର ଟଙ୍କା ଦାଦାବଟି ଦେବାକୁ ପଡ଼ିବ ନଚେତ ଏହି ଭଳି ଦଶା ଭୋଗିବାକୁ ପଡ଼ିବ ବୋଲି ରାଜେଶ ଖୋଲାଖୋଲି ଧମକ ଦେଇଥିଲେ ବୋଲି ବାସୁଦେବ ଅଭିଯୋଗରେ ଦର୍ଶାଇଛନ୍ତି।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମୁଖ୍ୟ ସଂଚାଳକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କଟକ(ନିପ୍ର): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମୁଖ୍ୟ ସଂଚାଳକ ଦିଲ୍ଲୀପ କୁମାର ସିହ୍ନା ମଙ୍ଗଳବାର ଦୀର୍ଘ ୩୭ ବର୍ଷ ସଫଳ ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଢିଆରୀ ପାଠାଗାର ଓ ସୂଚନା କେନ୍ଦ୍ର ଠାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଉପ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ, ଆଶୁତୋଷ ପାଇକରାୟ,ପ୍ରାକ୍ତନ କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ, ଭବାନୀ ଶଙ୍କର ଭୂୟାଁ, ଅଶୋକ କୁମାର ଷଡ଼ଙ୍ଗୀ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଯୋଗଦେଇ ତାଙ୍କ କାର୍ଯ୍ୟ ଦକ୍ଷତା ସମ୍ବନ୍ଧରେ ଆଲୋକପାତ କରିଥିଲେ ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା , ସୋନାଲି କୁଣ୍ଡ, ଅଭିରାମ ଦାସ,ତାପସ କୁମାର ଓଝା,ଶୈଳେନ୍ଦ୍ର ପଣ୍ଡା,ଶୁଭ୍ରାଂଶୁ ମିଶ୍ର,ବନଲତା ବେହେରା ଓ ତନ୍ମୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ତାଙ୍କ ଅପୂର୍ବ ସେବା,କର୍ମନିଷ୍ଠା ପୂର୍ବକ ଦୀର୍ଘଦିନର ଚାକିରୀ କାଳୀନ ସମୟର ସ୍ମୃତିଚାରଣ କରିଥିଲେ । ଶ୍ରୀ ସିହ୍ନା ୧୯୮୯ ମସିହାରୁ ରାଉରକେଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସହକାରୀ ସଂଚାଳକ ଭାବେ ଯୋଗଦାନ କରିଥିଲେ ।

# ବିଦ୍ୟୁତ୍ ଗ୍ରିଡ ତୁରନ୍ତ ସ୍ଥାପନ କରାଯିବା ନେଇ ଦାବି
# ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କଲେ ୪ ପଞ୍ଚାୟତବାସୀ



ରେଢ଼ାଖୋଲ,(ନିପ୍ର) : ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ଗୋଗୁଆ, ଡଇଁଚା,ଶିମିଳିପାଳ,ଘୋସରାମାଳ ଗ୍ରାମ ପଞ୍ଚାୟତ ପାଇଁ ଏକ ନୂତନ ବିଦ୍ୟୁତ୍ ଗ୍ରିଡ ସବ ଷ୍ଟେସନ ନିର୍ମାଣ କରିବା ପାଇଁ ଦୀର୍ଘ ଦିନ ହେଲା ଦାବି କରି ଆସୁ ଥିଲେ ମଧ୍ୟ ଗ୍ରିଡ ସ୍ଥାପନ ହୋଇପାରୁ ନାହିଁ । ଫଳରେ ୪ ଗ୍ରାମ ପଞ୍ଚାୟତବାସୀ ସଠିକ୍ ଭାବରେ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ବିଦ୍ୟୁତ୍ ସେବା ଦିନ ରାତି ଲୁଚକାଳି ଖେଳୁଛି। ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁଁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁ ଥିବା ବେଳେ ବିଦ୍ୟୁତ୍ ଆଲୁଅର ଅସୁବିଧାରୁ ପିଲାଙ୍କ ପାଠ ପଢା ବି ଠପ୍ ହୋଇଯାଉଛି। ଗତ ୭ ତାରିଖ ଦିନ ୪ ଗ୍ରାମ ପଞ୍ଚାୟତବାସି ଓ ଘୋଷରାମାଳ ସରପଞ୍ଚ ପ୍ରେମ ଶିଳା ପ୍ରଧାନ, ଡଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନ, ଶିମିଳିପାଳ ସରପଞ୍ଚ ସସ୍ମିତା ପ୍ରଧାନ ଓ ଗୋଗୁଆ ସରପଞ୍ଚ ଧନେଶ୍ୱର ସାହୁ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବିଦ୍ୟୁତ୍ ବିଭାଗର ଏସଡିଓ ପ୍ରିୟରଞ୍ଜନ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଯଥା ଶୀଘ୍ର ଗ୍ରିଡ୍ ସ୍ଥାପନ କରାଯାଉ ବୋଲି ଦାବି କରିଥିଲେ। ଏଥି ସହ ଏହାର ନକଲ କପି ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏସପି, ଏସଡିପିଓ ,ଥାନା ଆଦିକୁ ପ୍ରେରଣ କରିଥିଲେ। ଆଜକୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଏବେ ସୁଦ୍ଧା ଗ୍ରୀଡ ସ୍ଥାପନ ହେବା ଜଣା ପଡିନାହିଁ। ହେଲେ ଦିନକୁ ଦିନ ଗ୍ରିଡ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉ ଥିବାରୁ ୪ ଗ୍ରାମ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସୋମବାର ଦିନ ୪ ଗ୍ରାମ ପଞ୍ଚାୟତବାସୀ ରେଢ଼ାଖୋଲ ବିଦ୍ୟୁତ୍ ବିଭାଗ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କରି ବିଦ୍ୟୁତ୍ ଗ୍ରିଡ ସ୍ଥାପନ ଶୀଘ୍ର କରିବା ପାଇଁ ଦାବି କରିଛନ୍ତି। ଜଣା ଯାଇଛି ଯେ, ଘୋଷରାମାଳ, ଶିମିଳିପାଳ, ଡଉଁଚା ଓ ଗୋଗୁଆ ଆଦି ୪ଟି ଗ୍ରାମପଞ୍ଚାୟତରେ ସ୍ଥାୟୀ ବାସିନ୍ଦା ପାଖାପାଖି ୨୫ ହଜାର ଲୋକ ବସବାସ କରୁଛନ୍ତି । ରାସ୍ତା ତଥା ଉକ୍ତ ଗ୍ରାମ ଦେଇ ୩୩ କେଭି ବିଦ୍ୟୁତ ଲାଇନ ନାକଟିଦେଉଳ ସେକ୍ସନକୁ ଯାଇଛି। ପୁଣି ନାକଟିଦେଉଳରୁ ୪ଟି ଗ୍ରାମପଞ୍ଚାୟତକୁ ୧୧ କେଭି ଲାଇନ ଆସିଛି। ଯାହାଦ୍ୱାରା ରକ୍ଷଣାବେକ୍ଷଣ କାର୍ଯ୍ୟ ସୂଚାରୁରୂପେ ହୋଇପାରୁନାହିଁ । ବିଗତ ଦିନରେ ଆମେ ବାରମ୍ବାର ଏହାର ପ୍ରତିକାର କରାଯାଇ ଏକ ନୂତନ ପିଏସଏସ ପାଇଁ ଦାବି କରି ଆସୁଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି । ଆଶ୍ଚର୍ଯ୍ୟର କଥା ବାଟଗାଁ ଏବଂ କିସିଣ୍ଡାରେ ନୂତନ ପିଏସଏସ ହୋଇଯିବାର ୪ ବର୍ଷ ପରେ ମଧ୍ୟ ୪ ଗ୍ରାମ ପଞ୍ଚାୟତ ଲୋକଙ୍କୁ ମୌଳିକ ଅଧିକାରରୁ କାହିଁକି ବଞ୍ଚିତ କରାଯାଇଛି ଏହା ଏକ ଆଶ୍ଚର୍ଯ୍ୟକର କଥା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀ ଘଟଣାକୁ ସୁବିଚାର କରି ଯଥାଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

ତିଥି :(ପ୍ରତିପଦ): (ପୂର୍ବାଷାଢ଼ା ଧନୁ)
ଅମୃତ ବେଳା: ଦିବା ଘ ୭।୩୮ ଗତେ ଘ ୧୦।୫୦ ମଧ୍ୟେ

## ଆଜିର ଅନୁଚିନ୍ତନ

ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଜନସ୍ୱାସ୍ଥ୍ୟ ସୁରକ୍ଷା ଆଗ

ନିକଟରେ କେନ୍ଦ୍ର ସରକାର ୧୬ଟି ଫିକ୍ସ ଡୋଜ୍ କମ୍ବିନେସନ (ଏଫ୍‌ଡିସି) ଡ୍ରଗ୍ସ ବା ଔଷଧକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିଷିଦ୍ଧ କରିଛନ୍ତି। ଏହି ନିଷିଦ୍ଧ ମିଶ୍ରିତ ଔଷଧଗୁଡ଼ିକ ମଧ୍ୟରେ ରହିଥିଲା ଆଣ୍ଟିଡାଇବେଟିକ୍, ଆଣ୍ଟିବାୟୋଟିକ୍ ଆଧାରିତ ଉତ୍ପାଦ, ଯନ୍ତ୍ରଣା ନିବାରକ ଔଷଧ, ଚର୍ମରୋଗ ଆରୋଗ୍ୟ ପାଇଁ ମିଶ୍ରିତ ପ୍ରସ୍ତୁତି ପ୍ରଭୃତି। ଏସବୁ ଔଷଧର କ୍ଲିନିକାଲ ଡାଟା ନିକଟରେ ବ୍ୟାପକ ଭାବରେ ଅଧ୍ୟୟନ କରିଥିଲେ ଗଠିତ ବିଶେଷଜ୍ଞ କମିଟି। ଅଧ୍ୟୟନ ପରେ କମିଟି ଦର୍ଶାଇଛି ଯେ ଏସବୁ ରୋଗୀଙ୍କ ପାଇଁ ବାସ୍ତବରେ ପ୍ରଭାବଶାଳୀ ଔଷଧୀୟ ଉପାଦାନଯୁକ୍ତ ଔଷଧ ନୁହେଁ। ଏହା ଜାଣିବା ପରେ ମନ୍ତ୍ରଣାଳୟ ସେକ୍ସନ ୨୬(ଏ) ଡ୍ରଗ୍ସ ଓ ପ୍ରଶାସନ ଆଇନ ମୁତାବକ ଏସବୁର ପ୍ରସ୍ତୁତି, ବିତରଣ ଓ ବିକ୍ରୟକୁ ନିଷିଦ୍ଧ କରିବାବେଳେ ଦର୍ଶାଇଥିଲା ଔଷଧୀୟ ଉପଯୁକ୍ତତା ଏସବୁର ନାହିଁ ବରଂ ଏସବୁ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ପହଞ୍ଚାଇପାରେ।

ଯଦି ବିଶ୍ୱର ଫାର୍ମାସି କେଉଁଟି ବୋଲି ପ୍ରଶ୍ନ କରାଯାଏ ତେବେ ଅଧିକାଂଶ ଭାରତକୁ ହିଁ ସୂଚିତ କରିବେ। ସ୍ମରଣ କରାଯାଇପାରେ ବିନା ପ୍ରେସ୍‌କ୍ରିପସନରେ କଫସିରପ ବିକ୍ରୟ କରାଯାଇପାରିବ ନାହିଁ ବୋଲି ସରକାର ଶୁଣାଇଥିଲେ। ନିର୍ଦ୍ଦିଷ୍ଟ କମ୍ପାନୀର କଫସିରପ ବିଦେଶରୁ ସ୍ୱାସ୍ଥ୍ୟପ୍ରତି ବିପଦ କିଭଳି ସୃଷ୍ଟି କରିଥିଲା ତାହା ପୂର୍ବରୁ ସମସ୍ତେ ଜାଣନ୍ତି। ଗୁଣାତ୍ମକ ମାନରକ୍ଷା ସାଙ୍ଗକୁ ନିରାପଦ ଆଧାରିତ ବିଜ୍ଞାନ ବିଶ୍ୱସନୀୟତା ସମ୍ପନ୍ନ ଔଷଧ ଜନସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ। ଏହା ହୋଇପାରିବ ଯଦି ସରକାର ପ୍ରମାଣ ଆଧାରିତ ଔଷଧ ସ୍ୱୀକୃତିପ୍ରାପ୍ତ ଡାକ୍ତରଙ୍କ ଦ୍ୱାରା ଉଚିତ ମାତ୍ରା ଅନୁସାରେ ରୋଗୀଙ୍କୁ ଦିଆଯାଇପାରିବ। ଏହା ଆପଣାଛାଏଁ ହୋଇପାରିବନାହିଁ। ଏଥିଲାଗି ଦୃଢ ଫାର୍ମାକୋ - ଭିଜିଲାନ୍‌ସ ପ୍ରଣାଳୀ ଆନୁଷଙ୍ଗିକ ସୋପାନ ଆଧାରରେ ହେବା ଆବଶ୍ୟକ।

ଆଜିକାଲି ଶୀଘ୍ର ଆରୋଗ୍ୟ କରାଇବା ନାଁରେ ବିଭିନ୍ନ ଉପାଦାନ ମିଶ୍ରିତ କରି ନିର୍ମାତାମାନେ ବଜାରକୁ ଗ୍ରାହକଙ୍କ ଚାହିଦାକୁ ନଜର ରଖି ଛାଡୁଥିବା ହେତୁ ଅସୁସ୍ଥ ପ୍ରତିଯୋଗିତା ବଢୁଛି କି ନାହିଁ ତାହା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଠିକଣା ଭାବରେ ଯାଞ୍ଚ କଲେ ସତ ବାହାରକୁ ଆସିପାରନ୍ତା। ଅପରପକ୍ଷେ ଗ୍ରାହକ ମଧ୍ୟ ପ୍ରମାଣ ଆଧାରିତ ତଥା ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରାଯାଇଥିବା ଔଷଧ ବ୍ୟବହାର କରିବା ଦରକାର। ଏପରି ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା ପ୍ରଥମ। ଏସବୁ ଯଦି ପାଥେୟ କରି ମନ୍ତ୍ରଣାଳୟ ଆବଶ୍ୟକ ପଦକ୍ଷେପ ନିଏ ତେବେ ଜନସ୍ୱାସ୍ଥ୍ୟ ସୁରକ୍ଷା ଘେରରେ ରହିବ। ଭାରତୀୟ ଔଷଧ ଭାରତର ହେଉ କି ଅନ୍ୟାନ୍ୟ ଦେଶର ହେଉ ଯେଉଁଠି ବ୍ୟବହୃତ ହେଉ ରୋଗୀ ନିରାଶ ନ ହେଉ। ତାହାର ବିଶ୍ୱାସ ନ ଭାଙ୍ଗୁ। ତାହା ସହିତ ମନଇଚ୍ଛା ଔଷଧ ନ କିଣୁ। ବିନା ପ୍ରେସ୍‌କ୍ରିପସନରେ ଔଷଧ ବିକ୍ରୟ କରାନଗଲେ ଓ ଏ ବାବଦରେ ଜନସଚେତନତା ସୃଷ୍ଟି କରାଗଲେ, ତାହା ମହତ୍ତ୍ୱ ପଦକ୍ଷେପ ଭାବରେ ସାବ୍ୟସ୍ତ ହୋଇପାରିବ।

# ବାଜିରେ ଆସ୍ଥା ଓ ବିଶ୍ୱାସ

## ସୌଭାଗ୍ୟ ରଂଜନ ମହାନ୍ତି

ଅଯୋଧ୍ୟା ଶ୍ରୀରାମ ମନ୍ଦିରକୁ ଦାନରେ ମିଳିଥିବା କୋଟି କୋଟି ଟଙ୍କାର ନଗଦ ଅର୍ଥ ଏବଂ ମୂଲ୍ୟବାନ ଅଳଙ୍କାର ଆତ୍ମସାତ ଅଭିଯୋଗ କେବଳ ମର୍ଯ୍ୟାଦାଜନକ ଧାର୍ମିକ ପ୍ରତିଷ୍ଠାନ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସମ୍ମାନ ନୁହେଁ, ମୁକ୍ତ ହସ୍ତରେ ମନ୍ଦିରକୁ ଦାନ କରିଥିବା କୋଟି କୋଟି ବଦାନ୍ୟ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଓ ଆସ୍ଥା ଏବେ ବିପଦଗ୍ରସ୍ତ ବୋଲି କୁହାଯାଇପାରିବ। ଅଭିଯୋଗ ହୋଇଛି ଯେ, ଦାନ ସୂତ୍ରରେ ମିଳିଥିବା ବହୁ କୋଟି ଟଙ୍କାର ନଗଦ ଅର୍ଥ ବେଆଇନ ଭାବେ ସ୍ଥାନାନ୍ତରିତ କରାଯାଇଥିବାବେଳେ ମୂଲ୍ୟବାନ ଅଳଙ୍କାରଗୁଡିକୁ ନକଲି ସାମଗ୍ରୀରେ ବଦଳ କରିଦିଆଯାଇଛି। ରିପୋର୍ଟ ପ୍ରକାଶ ପାଇଛି ଯେ, ମନ୍ଦିର ପ୍ରତିଷ୍ଠା ଉତ୍ସବ ସମୟରେ ଦାନରେ ମିଳିଥିବା ୨୦୦ କେଜି ରୁପା ଇଟା ଗାଏବ ହୋଇଯାଇଛି, ଦାନ ସାମଗ୍ରୀର ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରେ। ଆସନ୍ତା ୨୦୨୭ରେ ଉତ୍ତର ପ୍ରଦେଶର ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଘଟଣା ରାଜ୍ୟରେ ରାଜନୈତିକ ଝଡ ସୃଷ୍ଟି କରିବା ଆଶା କରାଯାଏ। ରାଜ୍ୟରେ କ୍ଷମତାସୀନ ସରକାର ଅପରାଧୀମାନଙ୍କୁ ଘଣ୍ଟ ଘୋଡାଉଥିବା ନେଇ ବିରୋଧୀଦଳର ନେତାମାନେ ଅଭିଯୋଗ କରିଥିବାବେଳେ ବିଜେପି ଅଭିଯୋଗକୁ ଖଣ୍ଡନ କରି ଅଯୋଧ୍ୟାକୁ ବଦନାମ ଏବଂ



ଧାର୍ମିକ ଭାବନାକୁ ଆଘାତ ଦେବା ପାଇଁ ଏକ ଉଦ୍ୟମ ବୋଲି ଦର୍ଶାଇଛି। ଏହି ଅଭିଯୋଗର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସଆଇଟି) ଦ୍ୱାରା ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଥିବାବେଳେ ଧୈର୍ଯ୍ୟ ରଖିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଓ ପ୍ରାଣ ପ୍ରତିଷ୍ଠା ପାଇଁ ଶ୍ରଦ୍ଧାଳୁମାନେ ଦୀର୍ଘ ୫୦୦ ବର୍ଷ ଅପେକ୍ଷା କରିଥିବାବେଳେ ଏସଆଇଟି ତଦନ୍ତ ସମ୍ପୂର୍ଣ୍ଣ ପାଇଁ ଆଉ ୧୫ଦିନ ଅପେକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହା ମଧ୍ୟ ନିଃସନ୍ଦେହ ଯେ, ଏଭଳି ଏକ ଘୃଣ୍ୟ ମାମଲାର ମୂଳ ଖୋଜିବା ପାଇଁ ଏକ ସ୍ୱଚ୍ଛ ଓ ସମୟଭିତ୍ତିକ ତଦନ୍ତ ଆବଶ୍ୟକ। ଅବଶ୍ୟ ଇତିମଧ୍ୟରେ ଏସଆଇଟିର ପ୍ରାଥମିକ ରିପୋର୍ଟ ଆଧାରରେ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିଛି। ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ବିଭିନ୍ନ ଧାରାରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ଦାନ ବାକ୍ସ ପରିଚାଳନା, ଟଙ୍କା ଗଣତି ଓ ସୁରକ୍ଷା ବ୍ୟବସ୍ଥାରେ ବ୍ୟାକ ତ୍ରୁଟି ରହିଥିବା ତଦନ୍ତରୁ ଜଣାପଡିଛି।

କେବଳ ଏତିକି ନୁହେଁ, ୨୦୨୪ ଜାନୁୟାରୀ ୨୨ରେ ଶ୍ରୀ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପରଠାରୁ ସେବା ଓ ଟ୍ରଷ୍ଟ ସହ ଜଡିତ ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତିରେ କେବଳ ବଡ ପରିବର୍ତ୍ତନ ହୋଇନାହିଁ, ସେମାନେ କୋଟିପତି ପାଲଟି ଯାଇଥିବା ତଦନ୍ତରୁ ଜଣାପଡିଛି। ଏହି ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମୁଖ୍ୟ ପଦରୁ ଚମ୍ପତି ରାୟ ଓ ଅନିଲ ମିଶ୍ରା ଇସ୍ତଫା ଦେଇଛନ୍ତି। ଏସଆଇଟି ତାର ରିପୋର୍ଟରେ ମନ୍ଦିର ଟ୍ରଷ୍ଟର ପୁନର୍ଗଠନକ ରିବା ସହ କାଶୀ ବିଶ୍ୱନାଥ ମନ୍ଦିର ଭଳି ଏଠାରେ ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କିମ୍ବା ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତ କରିବାକୁ ସୁପାରିସ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଟ୍ରଷ୍ଟର ସମସ୍ତ ରେକର୍ଡ ସାର୍ବଜନୀନ କରିବା ପାଇଁ ଏବଂ ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ଆୟ-ବ୍ୟୟର ଅଡିଟ କରିବା ପାଇଁ ଜନସାଧାରଣଙ୍କ ଦାବିକୁ ଅଣଦେଖା କରାଯାଇପାରିବ ନାହିଁ। ରାମ ମନ୍ଦିରରେ ଘଟଣା ଦେଶର ଅନ୍ୟ ଧାର୍ମିକ ଅନୁଷ୍ଠାନ ଗୁଡିକ ପାଇଁ କଷ୍ଟଦାୟକ ହୋଇପାରେ। ତେବେ ମନ୍ଦିରଗୁଡିକୁ ମିଳୁଥିବା ଦାନ ଅତ୍ୟାଧୁନିକ ଅଡିଟ୍ ସିଷ୍ଟମ ଭଣ୍ଡାର ପରିଚାଳନା ଡିଜିଟାଲ ଟ୍ରାକିଂ ଏବଂ ବ୍ୟାପକ ତଦାରଖର ଆବଶ୍ୟକତା କରେ। ଏହା ନିଃସନ୍ଦେହ ଯେ, ରାମମନ୍ଦିର ଭାରତର ସଂଖ୍ୟା ବହୁଳ ସମ୍ପ୍ରଦାୟର ସମୂହ ଉଚ୍ଚ ଆଶା, ଆକାଂକ୍ଷାର ପ୍ରତିନିଧିତ୍ୱ କରେ। ରାମ ମନ୍ଦିର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ପ୍ରତ୍ୟେକ ଅଭିଯୋଗର ନିରପେକ୍ଷ ତଦନ୍ତ ଏବଂ ପ୍ରତ୍ୟେକ ସନ୍ଦେହର ସ୍ୱଚ୍ଛତା ସହକାରେ ସମାଧାନ ହେବା ଜରୁରୀ। ମନ୍ଦିର ପବିତ୍ରତା ସୁରକ୍ଷା ହିଁ ଶ୍ରଦ୍ଧାଳୁମାନଙ୍କ ଆସ୍ଥା ଓ ବିଶ୍ୱାସର ସୁରକ୍ଷା। ତେଣୁ ଅଭିଯୋଗର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ କରାଯିବା ଜରୁରୀ। ସୁପ୍ରିମକୋର୍ଟର ଜଣେ ସିଟିଂ ବିଚାରପତିଙ୍କ ଦ୍ୱାରା ସରକାର ତଦନ୍ତ ନିର୍ଦ୍ଦେଶ ଦେବେ ବୋଲି ଆଶା କରିବା।

ମୋ-୯୪୩୭୯୯୪୩୭୯

# ଜଳ ସଂରକ୍ଷଣ ପାଲଟିଛି ଜନ ଆନ୍ଦୋଳନ

> ଜଳ ସଂରକ୍ଷଣର ଦୀର୍ଘକାଳୀନ ସ୍ଥାୟିତ୍ୱ ଜନସାଧାରଣଙ୍କ ନିଜସ୍ୱ ଦାୟିତ୍ୱବୋଧ ଉପରେ ନିର୍ଭର କରେ ବୋଲି ବୁଝି, ଜିଲ୍ଲା ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମୀଣ ଏବଂ ସହରାଞ୍ଚଳରେ ପଥପ୍ରାନ୍ତ ନାଟକ, ସଚେତନତା ଅଭିଯାନ, ସେମିନାର ଏବଂ କର୍ମଶାଳା ଆୟୋଜନ କରାଯାଇ ଭୂତଳ ଜଳ ସଂରକ୍ଷଣ ପ୍ରୟାସରେ ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ, ପଞ୍ଚାୟତରାଜ ଅନୁଷ୍ଠାନ ଏବଂ ସ୍ଥାନୀୟ ସମୁଦାୟକୁ ସାମିଲ କରାଯାଇଛି।
> ୬୬ଟି ସ୍ୱୟଂଚାଳିତ ନିରୀକ୍ଷଣ ଷ୍ଟେସନ ଏବଂ ୧୦୦ଟି ପର୍ଯ୍ୟବେକ୍ଷଣ କୂଅକୁ ନେଇ ଗଠିତ କଟକ ଜିଲ୍ଲାର ଭୂତଳ ଜଳ ନିରୀକ୍ଷଣ ବ୍ୟବସ୍ଥା, ଜଳଧାରକ ସ୍ଥିତିର ନିରନ୍ତର ଆକଳନ କରୁଛି। ଭୂତଳ ଜଳ ସମ୍ପଦ ଆକଳନର ତଥ୍ୟ ଅନୁଯାୟୀ, ଜିଲ୍ଲା ଏକ ସ୍ଥିର ଭୂତଳ ଜଳ ବ୍ୟବସ୍ଥା ବଜାୟ ରଖିବାରେ ସଫଳ ହୋଇଛି, ଯେଉଁଠି ୨୦୨୪ ଏବଂ ୨୦୨୫ ମଧ୍ୟରେ ଭୂତଳ ଜଳ ନିଷ୍କାସନର ସ୍ତର ପ୍ରାୟ ୪୭ ପ୍ରତିଶତ ମଧ୍ୟରେ ସୀମିତ ରହିଛି।

ରାଜ୍ୟକୁ ଏବେ ମୌସୁମୀ ଛୁଇଁଛି। ଏହି ସମୟରେ ବର୍ଷାଜଳ ଅମଳ କରି ଭୂତଳ ଜଳସ୍ତରକୁ ବଢ଼ାଇବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଭିନବପ୍ରୟାସ ଆରମ୍ଭ ହୋଇଛି। ଯାଜପୁରରେ ସ୍କୁଲ ଛାତ ହେଉ ବା କଟକରେ ବିଭିନ୍ନ ଗାଁର ପୋଖରୀ ଏବଂ ଗଞ୍ଜାମରେ ଅନେକ ରିଚାର୍ଜ କୂଅ ମାଧ୍ୟମରେ ସାରା ରାଜ୍ୟରେ ଏଥିପାଇଁ ଯେମିତି ଏକ ନୀରବ ଭୂତଳ ଜଳ ବିପ୍ଳବ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଏବଂ 'ଜଳ ସଞ୍ଚୟ, ଜନ ଭାଗିଦାରୀ' ମଧ୍ୟରେ ପ୍ରତିଫଳିତ 'ସମଗ୍ର ସରକାର ଓ ସମଗ୍ର ସମାଜ' ର ଆଭିମୁଖ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶା ଏହି ମୌସୁମୀ ବର୍ଷା ଜଳକୁ ଏକ ସ୍ଥାୟୀ ଜଳ ସୁରକ୍ଷାର ଉତ୍ସରେ ରୂପାନ୍ତରିତ କରିବାକୁ ଯାଉଛି। ବର୍ଷା ଜଳ ଯେଉଁଠି ପଡୁଛି ସେଠାରେ ତାକୁ ସଂରକ୍ଷିତ କରିବା ଏବଂ ଭୂତଳ ଜଳସ୍ତରର ପୁନଃଭରଣ ବା ରିଚାର୍ଜ ପ୍ରକ୍ରିୟାକୁ ସହଜ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ଓଡ଼ିଶା ପ୍ରତ୍ୟେକ ମୌସୁମୀ ବର୍ଷାକୁ ନିଜର ଭୂତଳ ଜଳ ସଂରକ୍ଷଣକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ଜଳ ସଙ୍କଟର ସାମ୍ନା କରିବା ପାଇଁ ଏକ ବଡ଼ ସୁଯୋଗରେ ପରିଣତ କରୁଛି।

ଏହି ପ୍ରକ୍ରିୟାରେ ସାରା ରାଜ୍ୟରେ ସ୍କୁଲ, କଲେଜ, ସରକାରୀ ଅଫିସର ଛାତରୁ ବର୍ଷା ଜଳ ସଂଗ୍ରହ କରାଯାଇ, ତାକୁ ଫିଲ୍ଟର୍ କରାଯାଉଛି ଏବଂ ରିଚାର୍ଜ କୂଅଗୁଡ଼ିକ ମଧ୍ୟକୁ ଛଡ଼ାଯାଉଛି, ଯାହାଦ୍ୱାରା ହ୍ରାସ ପାଉଥିବା ଭୂତଳ ଜଳସ୍ତରର ପୁନଃଭରଣ ସମ୍ଭବ ହୋଇପାରୁଛି। ଏଥିସହିତ, ପୋଖରୀ, ପୋଖରୀ ସଦୃଶ ଜଳାଶୟ ଏବଂ ଅନ୍ୟାନ୍ୟ ଜଳାଶୟ ମଧ୍ୟରେ ତିଆରି ହୋଇଥିବା ରିଚାର୍ଜ କୂଅ ମୌସୁମୀ ବର୍ଷାର ବଳକା ଜଳକୁ ଭୂପୃଷ୍ଠରେ ବହିଯାଇ ନଷ୍ଟ ହେବାକୁ ନ ଦେଇ ମାଟିର ବହୁ ଗଭୀରକୁ ଭେଦିବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପଗୁଡ଼ିକ ଭୂତଳ ଜଳସ୍ତରକୁ ସୁଧାରିବାରେ, ଶୁଖିଲା ଦିନରେ ଜଳର ଉପଲବ୍ଧତା ବୃଦ୍ଧି କରିବାରେ ଏବଂ ଜଳ ସଂରକ୍ଷଣର ଏକ ସ୍ଥାୟୀ ମଡେଲ୍ ସୃଷ୍ଟି କରିବାରେ ସାହାଯ୍ୟ କରୁଛି, ଯାହା ସରକାରୀ କାର୍ଯ୍ୟାନୁଷ୍ଠାନ ସହିତ ସମୁଦାୟର ଅଂଶଗ୍ରହଣକୁ ଯୋଡ଼ିଥାଏ ଏବଂ ଏହା ହିଁ 'ଜଳ ସଞ୍ଚୟ, ଜନ ଭାଗିଦାରୀ'ର ମୂଳ ଆତ୍ମାକୁ ପ୍ରତିଫଳିତ କରେ।

ଯାଜପୁର: ଭୂତଳ ଜଳ ପୁନଃଭରଣର ବ୍ୟାପକ ସମ୍ପ୍ରସାରଣ 'ଜଳ ସଞ୍ଚୟ, ଜନ ଭାଗିଦାରୀ' ଯୋଜନା ଅଧୀନରେ ବୈଜ୍ଞାନିକ ପଦ୍ଧତିରେ ଭୂତଳ ଜଳ ପରିଚାଳନା କ୍ଷେତ୍ରରେ ଯାଜପୁର ଜିଲ୍ଲା ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଭାବେ ଉଭା ହୋଇଛି।

୨୦୨୨-୨୩ ଏବଂ ୨୦୨୫-୨୬ ମଧ୍ୟରେ, ଯାଜପୁର ଜିଲ୍ଲାର କୋରେଇ, ବିଞ୍ଝାରପୁର, ବାରୀ, ରସୁଲପୁର, ଦଶରଥପୁର ଏବଂ ଯାଜପୁର ଭଳି ଉଚ୍ଚ ପ୍ରାଥମିକତା ବିଶିଷ୍ଟ ବ୍ଲକଗୁଡ଼ିକରେ ବର୍ଷାଜଳ ଅମଳ ପଦକ୍ଷେପଗୁଡ଼ିକୁ ରଣନୀତିକ ଭାବେ କାର୍ଯ୍ୟକାରୀ କରାଯାଇଥିଲା। 'ଅରୁଆ' ଯୋଜନା ଅଧୀନରେଏହି ଜିଲ୍ଲାରେ ୧୧୭ଟି ରିଚାର୍ଜ କୂଅ ନିର୍ମାଣ କରାଯାଇଛି ଏବଂ ବିଭିନ୍ନ ସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ପରିସରରେ 'ଛାତ' ଯୋଜନା ଅଧୀନରେ ୧୧୪ଟି ରୁଫ୍‌ଟପ୍ ରେନ୍‌ୱାଟର୍ ହାର୍ଭେଷ୍ଟିଂ ସିଷ୍ଟମ୍ ମାଧ୍ୟମରେ ଛାତ ଉପର ବର୍ଷା ଜଳ ସଂଗ୍ରହ ପ୍ରକ୍ରିୟା ସ୍ଥାପନ କରାଯାଇଛି।

ବୈଜ୍ଞାନିକ ଉପାୟରେ ଜଳସ୍ତରର ନିରୀକ୍ଷଣ ଏବଂ ଆକଳନ ସୁନିଶ୍ଚିତ କରିବା ପାଇଁ, ଜିଲ୍ଲା ପକ୍ଷରୁ ୪୭ଟି ଡିଜିଟାଲ୍ ୱାଟର୍ ଲେଭଲ୍ ରେକର୍ଡର୍ ଷ୍ଟେସନ ଏବଂ ୭୨ଟି ପର୍ଯ୍ୟବେକ୍ଷଣ କୂଅକୁ ନେଇ ଏକ ସୁଦୃଢ଼ ଭୂତଳ ଜଳ ନିରୀକ୍ଷଣ ନେଟୱର୍କ ପ୍ରତିଷ୍ଠା କରାଯାଇଛି। ଏହି ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ସଂଗୃହୀତ ତଥ୍ୟରୁ ଜଣାପଡ଼ିଛି ଯେ, ଯେଉଁ ଅଞ୍ଚଳରେ ଏହି ପଦକ୍ଷେପ ନିଆଯାଇଛି ସେଠାରେ ଭୂତଳ ଜଳସ୍ତରର ସ୍ଥିତିରେ ସୁଧାର ଆସିଛି ଏବଂ ଆକ୍ୱିଫର୍ (ଜଳସ୍ତର) ରେ ଉନ୍ନତି ଆସିଛି।

ଏହି ସୁଫଳ କେବଳ ଜଳ ସଂରକ୍ଷଣ ମଧ୍ୟରେ ସୀମିତ ନାହିଁ। ଭୂତଳ ଜଳର ଉନ୍ନତ ଉପଲବ୍ଧତା ପାନୀୟ ଜଳ ସୁରକ୍ଷାକୁ ସୁଦୃଢ଼ କରିଛି, କୃଷିର ସ୍ଥିତି ସ୍ଥାପକତାକୁ ସହଯୋଗ କରିଛି ଏବଂ ବିଶେଷ କରି ମହିଳାମାନଙ୍କ ଉପରୁ ଜଳ ସଂଗ୍ରହ କରିବାର ବୋଝକୁ ହ୍ରାସ କରିଛି। ସଚେତନତା ଅଭିଯାନ, ପ୍ରଦର୍ଶନୀ ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସମୁଦାୟ ଏବେ ଭୂତଳ ଜଳ ସଂରକ୍ଷଣର ଜଣେ ଜଣେ ସକ୍ରିୟ ଅଂଶୀଦାର ସାଜିଛନ୍ତି।

କଟକ: ପ୍ରଯୁକ୍ତିବିଦ୍ୟା ଓ ଜନ ଭାଗିଦାରୀର ସମନ୍ୱୟ ବୈଷୟିକ ପଦକ୍ଷେପ ସହିତ ଜନସାଧାରଣଙ୍କ ନିରନ୍ତର ସହଭାଗିତାକୁ ମିଶାଇ କିଭଳି ଭୂତଳ ଜଳ ସଂରକ୍ଷଣ ହାସଲ କରାଯାଇପାରିବ, ତାହା କଟକ ଜିଲ୍ଲା ପ୍ରଦର୍ଶନ କରିଛି।'ଛାତ' ଯୋଜନା ଅଧୀନରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଏବଂ ସର୍ବସାଧାରଣ ସୁବିଧା କେନ୍ଦ୍ରଗୁଡ଼ିକରେ ୫୭ଟି ଛାତ ଉପର ବର୍ଷାଜଳ ଅମଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ଏଥିସହିତ, ଗଭୀର ଭୂତଳ ଜଳସ୍ତରର ପୁନଃଭରଣକୁ ସହଜ କରିବା ପାଇଁ 'ଅରୁଆ' ଯୋଜନା ଅଧୀନରେ ପୋଖରୀ ଏବଂ ଜଳାଶୟଗୁଡ଼ିକରେ ୩୫ଟି ରିଚାର୍ଜ କୂଅ ନିର୍ମାଣ କରାଯାଇଛି।

ଜଳ ସଂରକ୍ଷଣର ଦୀର୍ଘକାଳୀନ ସ୍ଥାୟିତ୍ୱ ଜନସାଧାରଣଙ୍କ ନିଜସ୍ୱ ଦାୟିତ୍ୱବୋଧ ଉପରେ ନିର୍ଭର କରେ ବୋଲି ବୁଝି, ଜିଲ୍ଲା ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମୀଣ ଏବଂ ସହରାଞ୍ଚଳରେ ପଥପ୍ରାନ୍ତ ନାଟକ, ସଚେତନତା ଅଭିଯାନ, ସେମିନାର ଏବଂ କର୍ମଶାଳା ଆୟୋଜନ କରାଯାଇ ଭୂତଳ ଜଳ ସଂରକ୍ଷଣ ପ୍ରୟାସରେ ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ, ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସ୍ଥାନୀୟ ସମୁଦାୟକୁ ସାମିଲ କରାଯାଇଛି।

୬୬ଟି ସ୍ୱୟଂଚାଳିତ ନିରୀକ୍ଷଣ ଷ୍ଟେସନ ଏବଂ ୧୦୦ଟି ପର୍ଯ୍ୟବେକ୍ଷଣ କୂଅକୁ ନେଇ ଗଠିତ କଟକ ଜିଲ୍ଲାର ଭୂତଳ ଜଳ ନିରୀକ୍ଷଣ ବ୍ୟବସ୍ଥା, ଜଳଧାରକ ସ୍ଥିତିର ନିରନ୍ତର ଆକଳନ କରୁଛି। ଭୂତଳ ଜଳ ସମ୍ପଦ ଆକଳନର ତଥ୍ୟ ଅନୁଯାୟୀ, ଜିଲ୍ଲା ଏକ ସ୍ଥିର ଭୂତଳ ଜଳ ବ୍ୟବସ୍ଥା ବଜାୟ ରଖିବାରେ ସଫଳ ହୋଇଛି, ଯେଉଁଠି ୨୦୨୪ ଏବଂ ୨୦୨୫ ମଧ୍ୟରେ ଭୂତଳ ଜଳ ନିଷ୍କାସନର ସ୍ତର ପ୍ରାୟ ୪୭ ପ୍ରତିଶତ ମଧ୍ୟରେ ସୀମିତ ରହିଛି। ଏହା ବଢୁଥିବା ଜଳର ଚାହିଦାକୁ ସନ୍ତୁଳିତ କରିବାରେ ରିଚାର୍ଜ ପଦକ୍ଷେପ ଗୁଡ଼ିକର ସକାରାତ୍ମକ ପ୍ରଭାବକୁ ଦର୍ଶାଉଛି।

ଦିଗପହଣ୍ଡି: ସହରାଞ୍ଚଳ ଭୂତଳ ଜଳ ପୁନରୁଦ୍ଧାରର ଏକ ସ୍ଥାନୀୟ ମଡେଲ୍

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ସହରାଞ୍ଚଳରେ ଭୂତଳ ଜଳ ଉପରେ କ୍ରମବର୍ଦ୍ଧିଷ୍ଣୁ ନିର୍ଭରଶୀଳତା, ହ୍ରାସ ପାଉଥିବା ବୃଷ୍ଟିପାତ ଏବଂ ସହରୀକରଣର ସମ୍ପ୍ରସାରଣ ଯୋଗୁଁ ଭୂତଳ ଜଳସ୍ତର ଉପରେ ଗୁରୁତର ଚାପ ପରିଲକ୍ଷିତ ହୋଇଥିଲା। ୨୦୨୦ ରୁ ୨୦୨୨ ମଧ୍ୟରେ ଅନେକ ସ୍ଥାନରେ ଭୂତଳ ଜଳସ୍ତର ଏକରୁ ତିନି ମିଟର ପର୍ଯ୍ୟନ୍ତ ହ୍ରାସ ପାଇଥିଲା।

ଏହି ଆହ୍ୱାନର ମୁକାବିଲା ପାଇଁ, 'ଛାତ' ଯୋଜନା ଅଧୀନରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଏବଂ ସର୍ବସାଧାରଣ ଅନୁଷ୍ଠାନଗୁଡ଼ିକରେ ରୁଫ୍‌ଟପ୍ ରେନ୍‌ୱାଟର୍ ହାର୍ଭେଷ୍ଟିଂ ସିଷ୍ଟମ୍ (ଛାତ ଉପର ବର୍ଷା ଜଳ ସଂଗ୍ରହ ପ୍ରକ୍ରିୟା) ସ୍ଥାପନ କରାଯାଇଥିଲା। ଏହି ସଂରଚନାଗୁଡ଼ିକ ଛାତରୁ ବହିଯାଉଥିବା ବର୍ଷା ଜଳକୁ ସଂଗ୍ରହ କରି, ତାକୁ ଫିଲ୍ଟର୍ କରନ୍ତି ଏବଂ ରିଚାର୍ଜ କୂଅ ମଧ୍ୟକୁ ପଠାଇଥାନ୍ତି, ଯାହାଦ୍ୱାରା ବର୍ଷା ଜଳ ସହଜରେ ଭୂତଳ ଜଳଧାରକ ସ୍ତରକୁ ଭେଦିପାରେ।

ଏହି ପଦକ୍ଷେପ ଯୋଗୁଁ ଆଖିଦୃଶିଆ ସୁଫଳ ମିଳିଛି। ତୁଳନାତ୍ମକ ଭୂତଳ ଜଳ ଆକଳନରୁ ଜଣାପଡ଼ିଛି ଯେ, ମୌସୁମୀ ପରବର୍ତ୍ତୀ ସମୟରେ ଜଳସ୍ତରରେ ଉନ୍ନତ ସୁଧାର ଆସିଛି, ଋତୁଗତ ପରିବର୍ତ୍ତନ ହ୍ରାସ ପାଇଛି ଏବଂ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ଅଞ୍ଚଳ ଚାରିପାଖରେ ସ୍ଥାନୀୟ ରିଚାର୍ଜ ଜୋନ୍ ସୃଷ୍ଟି ହୋଇଛି। ରିଚାର୍ଜ ସଂରଚନା ନିକଟରେ ଥିବା ପର୍ଯ୍ୟବେକ୍ଷଣ କୂଅଗୁଡ଼ିକରେ ଭୂତଳ ଜଳର ସ୍ଥିତି ଅଧିକ ସୁଦୃଢ଼ ହୋଇଥିବା ରେକର୍ଡ କରାଯାଇଛି, ଯାହା ଏକ ସ୍ଥାୟୀ ସହରାଞ୍ଚଳ ଜଳ ପୁନଃଭରଣ ସମାଧାନ ଭାବେ ରୁଫ୍‌ଟପ୍ ରେନ୍‌ୱାଟର୍ ହାର୍ଭେଷ୍ଟିଂର ପ୍ରଭାବଶାଳୀତାକୁ ପ୍ରମାଣିତ କରୁଛି।

ଏହି ଅଭିଯାନରେ ଜନସାଧାରଣଙ୍କ ସହଭାଗିତା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସଚେତନତା ଅଭିଯାନ, ପଥପ୍ରାନ୍ତ ନାଟକ, ବିଦ୍ୟାଳୟ କର୍ମଶାଳା ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ବାସିନ୍ଦା, ମହିଳା, ଯୁବ ଗୋଷ୍ଠୀ ଏବଂ ସ୍ଥାନୀୟ ପ୍ରତିନିଧିମାନଙ୍କୁ ଭୂତଳ ଜଳ ସଂରକ୍ଷଣରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା, ଯାହା ସ୍ଥାନୀୟ ଜଳ ସମ୍ପଦ ପ୍ରତି ସେମାନଙ୍କ ମଧ୍ୟରେ ଏକ ଦାୟିତ୍ୱବୋଧ ଏବଂ ମାଲିକାନା ମନୋଭାବ ସୃଷ୍ଟି କରିପାରିଛି।

ଜଳ ସଂରକ୍ଷଣ ପାଲଟିଛି ଜନ ଆନ୍ଦୋଳନ ଓଡ଼ିଶାର ଭୂତଳ ଜଳ ପୁନଃଭରଣ ପଦକ୍ଷେପଗୁଡ଼ିକର ଏକ ସ୍ପଷ୍ଟ ବୈଶିଷ୍ଟ୍ୟ ହେଉଛି ଜନ ଭାଗିଦାରୀ ଉପରେ ଦିଆଯାଇଥିବା ଗୁରୁତ୍ୱ। ବିଭିନ୍ନ ଜିଲ୍ଲାରେ ସଚେତନତା ଶୋଭାଯାତ୍ରା, କର୍ମଶାଳା, ପ୍ରଦର୍ଶନୀ ଏବଂ ଜନସାଧାରଣଙ୍କ ସହଭାଗିତା କାର୍ଯ୍ୟକ୍ରମ ଭୂତଳ ଜଳ ସଂରକ୍ଷଣକୁ ଏକ କେବଳ ବୈଷୟିକ ପଦକ୍ଷେପ ମଧ୍ୟରେ ସୀମିତ ନରଖି ଏକ ସାମୂହିକ ସାମାଜିକ ପ୍ରୟାସରେ ରୂପାନ୍ତରିତ କରିଛି।

ବର୍ଷା ଜଳ ସଂଗ୍ରହକୁ ପ୍ରୋତ୍ସାହିତ କରିବା, ରିଚାର୍ଜ ସଂରଚନାଗୁଡ଼ିକର ରକ୍ଷଣାବେକ୍ଷଣ କରିବା ଏବଂ ଜଳର ସ୍ଥାୟୀ ବ୍ୟବହାର ବିଷୟରେ ସଚେତନତା ପ୍ରସାର କରିବାରେ ସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ପରିସର, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ସଂସ୍ଥା ଏବଂ ସାମୁଦାୟିକ ସଂଗଠନଗୁଡ଼ିକ ଏକ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି। ବୈଜ୍ଞାନିକ ଯୋଜନା ଏବଂ ଜନସାଧାରଣଙ୍କ ସହଭାଗିତାର ଏହି ସମନ୍ୱୟ ହିଁ 'ଜଳ ସଞ୍ଚୟ, ଜନ ଭାଗିଦାରୀ'ର ପ୍ରକୃତ ଆତ୍ମାକୁ ପ୍ରତିଫଳିତ କରେ।

ଏକ ଜଳ-ସୁରକ୍ଷିତ ଭବିଷ୍ୟତର ନିର୍ମାଣ

ଯାଜପୁର, କଟକ ଏବଂ ଦିଗପହଣ୍ଡିର ଅନୁଭୂତି ପ୍ରମାଣିତ କରେ ଯେ, ଭୂତଳ ଜଳର ସ୍ଥାୟୀ ପରିଚାଳନା ସେତେବେଳେ ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇଥାଏ, ଯେତେବେଳେ ଭିତ୍ତିଭୂମି ବିକାଶ ସହିତ ଜନସାଧାରଣଙ୍କ ଦାୟିତ୍ୱବୋଧର ସମନ୍ୱୟ ଘଟିଥାଏ। ଛାତରୁ ବର୍ଷା ଜଳ ସଂଗ୍ରହ କରୁଥିବା 'ଛାତ' ଯୋଜନା ଏବଂ ପୋଖରୀ ତଥା ଜଳାଶୟରୁ ବଳକା ଜଳକୁ ଭୂତଳ ଜଳଧାରକ ସ୍ତରକୁ ପଠାଉଥିବା 'ଅରୁଆ' ଯୋଜନା କାର୍ଯ୍ୟକାରୀ କରି ଓଡ଼ିଶା ଭୂତଳ ଜଳ ସଂରକ୍ଷଣ ପାଇଁ ଏକ ବ୍ୟାପକ ଏବଂ ଅନୁକରଣୀୟ ମଡେଲ୍ ସୃଷ୍ଟି କରିଛି। (ପିଆଇବି)

# ଅଦୃଶ୍ୟ ହାତ

## ଆଶୁତୋଷ ନାୟକ

> ଯେତେବେଳେ କୌଣସି ପ୍ରାକୃତିକ ଦୁର୍ବିପାକ ଯେପରି ଭୂମିକମ୍ପ, ସୁନାମି, ପ୍ରଳୟଙ୍କରୀ ବନ୍ୟା, ବାତ୍ୟା, ଘୂର୍ଣ୍ଣିଝଡ଼ ପରି ବିପଦକୁ ସାମନା କରୁଛି ସେତେବେଳେ କୌଣସି ଉପାୟ ନ ପାଇ ନିଜ ଜୀବନ ବଞ୍ଚାଇବା ପାଇଁ ଈଶ୍ୱରଙ୍କ ପାଖରେ ଆକୁଳ ନିବେଦନ କରୁଛି କାରଣ ସେତେବେଳେ ହିଁ ମନୁଷ୍ୟ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରୁଛି ଯେତେବେଳେ ସେ ବଞ୍ଚିବାର ରାହା ଖୋଜୁଛି । ଈଶ୍ୱରଙ୍କ ଅଦୃଶ୍ୟ ହାତ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କୌଣସି ଶକ୍ତି ମନୁଷ୍ୟକୁ ଭୟଙ୍କର ବିପତ୍ତିରୁ ଉଦ୍ଧାର କରିବାର ସାମର୍ଥ୍ୟ ନାହିଁ।

ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନ ଠାରୁ ବଳଶାଳୀ । ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ । ଯେଉଁ ମନୁଷ୍ୟମାନେ ଭଗବାନଙ୍କର ଅସ୍ତିତ୍ୱ ଉପରେ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି କରନ୍ତି ସେମାନେ ଜାଣି ରଖିବା ଉଚିତ ପ୍ରକୃତିର ସୃଷ୍ଟି ବିଜ୍ଞାନର ଅନ୍ତରୁ ହିଁ ଆରମ୍ଭ ହୋଇଥାଏ । ନିଜର ଅର୍ଥ, ବ୍ୟାଙ୍କ ବାଲାନ୍ସ, ପ୍ରତିଷ୍ଠା, କ୍ଷମତା,ସୁନ୍ଦର ଆକର୍ଷଣୀୟ ଚେହେରା ପାଇଁ ଅହଂକାର କରୁଥିବା ମନୁଷ୍ୟ ଆଜି କିନ୍ତୁ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ବଞ୍ଚିବା ପାଇଁ ସଂଗ୍ରାମ କରୁଛି।

ଏକବିଂଶ ଶତାବ୍ଦୀର ମନୁଷ୍ୟ କୃତ୍ରିମ ବୁଦ୍ଧିମତା ପ୍ରୟୋଗ କରି ଅନେକ ଅସାଧ କର୍ମ ସଂପାଦନ କରୁଛି । କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଅନେକ ଘାତକ ଦୁରାରୋଗ୍ୟ କ୍ୟାନସର, ହାର୍ଟଷ୍ଟୋକ, ବ୍ରେନଷ୍ଟୋକ, ହାର୍ଟ ଅପରେସନ, କିଡ଼ନୀ ଟ୍ରାନ୍ସପ୍ଲାଣ୍ଟ ଇତ୍ୟାଦି ସହଜରେ ଚିକିତ୍ସା କରାଯାଇ ପାରୁଛି । ବିଭିନ୍ନ ଅତ୍ୟାଧୁନିକ ସାଟେଲାଇଟ, ମିଶାଇଲ, ଇତ୍ୟାଦିର ପ୍ରେରଣ ସମ୍ଭବ ହୋଇପାରୁଛି । ଏକବିଂଶ ଶତାବ୍ଦୀର ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ବଳରେ ବଳୀୟାନ ହୋଇ ବିଜ୍ଞାନ ଦ୍ୱାରା ଅସମ୍ଭବକୁ ସମ୍ଭବ କରୁଛି କିନ୍ତୁ ସବୁ କିଛି ଥାଇ ମଧ ଏ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ଅଗଣିତ ପ୍ରାଣୀଙ୍କ ମଧ୍ୟରେ ନିଜକୁ ସର୍ବଶକ୍ତିମାନ, ବୁଦ୍ଧିମାନ ପ୍ରାଣୀ ଭାବେ ବିବେଚନା କରୁଥିବା ରକ୍ତମାଂସଧାରୀ ମନୁଷ୍ୟ ପ୍ରକୃତି ପାଖରେ ଅସହାୟ ହୋଇପଡୁଛି ।

ଯେତେବେଳେ କୌଣସି ପ୍ରାକୃତିକ ଦୁର୍ବିପାକ ଯେପରି ଭୂମିକମ୍ପ, ସୁନାମି, ପ୍ରଳୟଙ୍କରୀ ବନ୍ୟା, ବାତ୍ୟା,ଘୂର୍ଣ୍ଣିଝଡ଼ ପରି ବିପଦକୁ ସାମନା କରୁଛି ସେତେବେଳେ କୌଣସି ଉପାୟ ନ ପାଇ ନିଜ ଜୀବନ ବଞ୍ଚାଇବା ପାଇଁ ଈଶ୍ୱରଙ୍କ ପାଖରେ ଆକୁଳ ନିବେଦନ କରୁଛି କାରଣ ସେତେବେଳେ ହିଁ ମନୁଷ୍ୟ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରୁଛି ଯେତେବେଳେ ସେ ବଞ୍ଚିବାର ରାହା ଖୋଜୁଛି । ଈଶ୍ୱରଙ୍କ ଅଦୃଶ୍ୟ ହାତ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କୌଣସି ଶକ୍ତି ମନୁଷ୍ୟକୁ ଭୟଙ୍କର ବିପତ୍ତିରୁ ଉଦ୍ଧାର କରିବାର ସାମର୍ଥ ନାହିଁ ।

ଗୋଟିଏ ସହରରେ ଦୁଇଜଣ ବ୍ୟକ୍ତି ବସବାସ କରୁଥିଲେ । ସେହି ଦୁଇଜଣ ବ୍ୟକ୍ତି ପରମ ବନ୍ଧୁ ଥିଲେ ଏବଂ ତାଙ୍କ ମଧ୍ୟରେ ନିବିଡ ସମ୍ପର୍କ ଥିଲା । କିନ୍ତୁ ସେ ଦୁଇଜଣ ବନ୍ଧୁଙ୍କ ସ୍ୱଭାବ ବିପରୀତ ଥିଲା । ଜଣେ ପ୍ରଗାଢ଼ ଈଶ୍ୱର ବିଶ୍ୱାସୀ ଥିଲେ ସତ୍ୟ, ନୀତି ନିୟମ,ପରୋପକାରୀ, ସ୍ୱାଭିମାନୀ ବ୍ୟକ୍ତି ଥିଲେ । କିନ୍ତୁ ସେ ସୁଦାମାଙ୍କ ପରି ଅତ୍ୟନ୍ତ ଦରିଦ୍ର ବ୍ରାହ୍ମଣ ଥିଲେ । ସେ ପୂଜାପାଠ କରି ବହୁକଷ୍ଟରେ ନିଜର ପରିବାର ପୋଷଣ କରୁଥିଲେ । ଆଉ ଜଣେ ବ୍ୟକ୍ତି ନାସ୍ତିକ ଥିଲେ । ସେ ଈଶ୍ୱରଙ୍କୁ କଦାପି ବିଶ୍ୱାସ କରୁନଥିଲେ ଏବଂ ମନ୍ଦିରପରି ଧାର୍ମିକ ସ୍ଥଳକୁ କେବେବି ଯାଉନଥିଲେ । ସେ ବହୁତ ଅହଙ୍କାରୀ ଥିଲେ । ତାଙ୍କ ପାଖରେ ଅମାପ ସମ୍ପତ୍ତି, ପୁଳା ପୁଳା ଟଙ୍କା ଥିଲା । ସେ ଅର୍ଥକୁ ନିଜର ସବୁକିଛି ମନେ କରୁଥିଲେ ଆଉ ସର୍ବଦା କହୁଥିଲେ ଅର୍ଥ ଦ୍ୱାରା ସବୁକିଛି କରିପାରିବେ ସବୁ ଅସମ୍ଭବ କାର୍ଯ୍ୟକୁ ଚୁଟ୍‌କିରେ କରିପାରିବେ । ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି ମୋହରେ ଅନ୍ଧ ହୋଇ ସେ ନିଜର ଅନ୍ତରଙ୍ଗ ଦରିଦ୍ର ବନ୍ଧୁଙ୍କୁ ସର୍ବଦା ଉପହାସ କରୁଥିଲେ ଏବଂ କହୁଥିଲେ ଈଶ୍ୱରଙ୍କ ସତ୍ତା କିଛି ନାହିଁ ଏ ଦୁନିଆରେ, ନିଜର ବାହୁବଳ, ଅର୍ଥବଳ, କ୍ଷମତା ପ୍ରୟୋଗ କରି ସେ ସବୁକିଛି କରିପାରିବେ ।

ଧନୀ ବ୍ୟକ୍ତିଙ୍କର ଦୁଇପୁତ୍ର ଥିଲେ । ସେମାନେ ସର୍ବଦା ନିଶାଗ୍ରସ୍ତ ରହୁଥିଲେ, ସୋମରସ ପାନ କରି ଆମିଷ ଭକ୍ଷଣ କରି ମଉଜ ମଜଲିସରେ ନିଜର ସମୟ ଅତିବାହିତ କରୁଥିଲେ । ସେମାନେ ଅତ୍ୟନ୍ତ ବିଶୃଙ୍ଖଳିତ, ଉଗ୍ର, ଗର୍ବୀ ଥିଲେ । ସେ ଦରିଦ୍ର ବ୍ରାହ୍ମଣ ବ୍ୟକ୍ତିଙ୍କର ଗୋଟିଏ ପୁତ୍ର ଥିଲେ ।ସେ ଚିତ୍ରକଳାରେ ନିପୁଣ ଥିଲେ । ଜଗନ୍ନାଥ ମହାପ୍ରଭୁ ସାନ୍ନିଧ ପାଇବା ପାଇଁ ନିଜର ପିତାଙ୍କ ପରି ସେ ମଧ ସର୍ବଦା ଧ୍ୟାନଗ୍ରସ୍ତ ରହୁଥିଲେ ।

କିଛିଦିନର ସମୟ ଅତିକ୍ରାନ୍ତ ହେଲାପରେ ଦିନେ ମହାପ୍ରଭୁ କାଳିଆ ସାଆନ୍ତଙ୍କ କୃପାଦୃଷ୍ଟି ସେ ଦରିଦ୍ର ବ୍ରାହ୍ମଣଙ୍କ ପୁତ୍ର ଉପରେ ପଡ଼ିଲା । ଦରିଦ୍ର ବ୍ରାହ୍ମଣର ପୁତ୍ର ଶୋଇଥିବା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କର ସ୍ୱପ୍ନାଦେଶ ହେଲା ନିଜର ଚିତ୍ରକଳା ମାଧ୍ୟମରେ ବିଭିନ୍ନ ଦେବାଦେବୀଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରି ଅର୍ଥ ଉପାର୍ଜନ କରିବା ପାଇଁ । ନିଦରୁ ଉଠିଲାପରେ ସେ କାଳବିଳମ୍ବ ନ କରି ନିଜର ପିତାଙ୍କ ସହ ସ୍ୱପ୍ନାଦେଶ ବିଷୟରେ ଆଲୋଚନା କଲେ ଏବଂ ପିତାଙ୍କର ନିର୍ଦ୍ଦେଶରେ ବିଭିନ୍ନ ଦେବଦେବୀଙ୍କର ପ୍ରତିମୂର୍ତ୍ତି ନିର୍ମାଣରେ ଲାଗିଗଲେ । ମହାପ୍ରଭୁ ଜଗନ୍ନାଥଙ୍କର ଅଦୃଶ୍ୟ ହାତ ସର୍ବଦା ତାଙ୍କ ଉପରେ ରହିଛି ବୋଲି ତାଙ୍କର ପ୍ରଗାଢ଼ ବିଶ୍ୱାସଥିଲା । ସେଥିପାଇଁ ଅଳ୍ପ ଦିନ ମଧ୍ୟରେ ଚିତ୍ରକଳା ବିଦ୍ୟାରେ ସେ ପାରଙ୍ଗମ ହୋଇଯାଇଥିଲେ ଏବଂ ବିଭିନ୍ନ ଦେବାଦେବୀଙ୍କର ପ୍ରତିମୂର୍ତ୍ତି ତାଙ୍କ ପାଖରୁ ନେବା ପାଇଁ ଦେଶବିଦେଶରୁ ଅନେକବ୍ୟକ୍ତି ଆସୁଥିଲେ । ସେ ଚିତ୍ରକଳା ବିଦ୍ୟା ମାଧ୍ୟମରେ ଯାହାବି ଅର୍ଥ ଉପାର୍ଜନ କରୁଥିଲେ ସେଥିରୁ ଅଧିକାଂଶ ଅର୍ଥ ତାଙ୍କ ସହରରେ ଗୋଟିଏ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣରେ ବିନିଯୋଗ କରିଥିଲେ ।

ଏହିପରି କିଛିବର୍ଷ ଅତିକ୍ରାନ୍ତ ହେବାପରେ ଦିନେ ସେ ଦରିଦ୍ର ବ୍ରାହ୍ମଣ ପରିବାର ସହିତ ଅଲୌକିକ ଘଟଣା ଘଟିଲା । ଦିନେ ପ୍ରାତଃ ସମୟରେ ' ଭିକ୍ଷା ଦେହି 'ର ଶବ୍ଦ ଦରିଦ୍ର ବ୍ରାହ୍ମଣ ପରିବାର ସଦସ୍ୟଙ୍କ କର୍ଣ୍ଣରେ ଗୁଞ୍ଜରିତ ହେଲା । ସେମାନେ ସପରିବାର ବାହାରକୁ ଆସି ଦେଖିଲେ ଜଣେ ସନ୍ନ୍ୟାସୀ ଭଗବାନ ହନୁମାନଙ୍କ ମନ୍ଦିର ନିର୍ମାଣ ପାଇଁ କିଛି ଅର୍ଥର ସହାୟତା ଲୋଡ଼ିଥିଲେ । ସନ୍ନ୍ୟାସୀଙ୍କ କଥା ଶୁଣି ବ୍ରାହ୍ମଣ ଏବଂ ତାଙ୍କର ପୁତ୍ର କାଳବିଳମ୍ବ ନକରି ତାଙ୍କ ପାଖରେ ସଞ୍ଚିତ ଥିବା କିଛି ଅର୍ଥରାଶି ସେ ସନ୍ନ୍ୟାସୀଙ୍କୁ ପ୍ରଦାନ କରିଥିଲେ । ସେହି ସମୟରେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିତ ହେଲା । ସେ ସହରରେ ଭୟଙ୍କର ଭୂମିକମ୍ପ ଦୃଶ୍ୟମାନ ହେଲା । ଭୂମିକମ୍ପର ତୀବ୍ରତା ଏତେମାତ୍ରାରେ ଥିଲାଯେ ସେ ସହରରେ ଥିବା ସମସ୍ତ ବିଶାଳକାୟ ସୁରମ୍ୟ ଅଟ୍ଟାଳିକା, ଅନେକ ଗୃହ, ଏପରିକି ସେ ଧନୀ ବ୍ୟକ୍ତିଙ୍କ ବିଶାଳ ସାମ୍ରାଜ୍ୟ ମଧ ତାସ୍‌ର ଘର ପରି ଭାଙ୍ଗି ଚୂରମାର ହୋଇଯାଇଥିଲା । ଧନୀ ବ୍ୟକ୍ତିଙ୍କ ପରିବାରର ସମସ୍ତ ସଦସ୍ୟ ଜୀବନଦୀପ ଲିଭିଯାଇଥିଲା ଏବଂ ତା ସହିତ ଗୃହର ସମସ୍ତ ଆସବାସ ପତ୍ର, ମୂଲ୍ୟବାନ ବସ୍ତୁ, ଜୀବନବ୍ୟାପୀ ସଞ୍ଚିଥିବା ସମସ୍ତ ଅର୍ଥ ଆଖି ପିଛୁଳାକେ ମାଟିରେ ମିଶିଗଲା । ହାତଗଣତି କିଛି ବ୍ୟକ୍ତିଙ୍କୁ ଛାଡିଦେଲେ ସହରରେ ଅଧିକାଂଶ ବ୍ୟକ୍ତିଙ୍କର ଭୂମିକମ୍ପରେ ପ୍ରାଣହାନି ଘଟିଥିଲା ଆଉ ଅନେକ ପଙ୍ଗୁ ହୋଇଯାଇଥିଲେ ।

ସେ ଦରିଦ୍ର ବ୍ରାହ୍ମଣ ପରିବାର ଭୂମିକମ୍ପର କରାଳ ରୂପ ଦେଖି ହତବାକ୍ ହୋଇଯାଇଥିଲେ। ସେ ରହୁଥିବା ବାସସ୍ଥାନ ମାଟିରେ ମିଶିଯାଇଥିଲେ ମଧ ତାଙ୍କ ପରିବାର ସମସ୍ତ ସଦସ୍ୟଙ୍କ ମୂଲ୍ୟବାନ ଜୀବନ ସୁରକ୍ଷିତ ଥିଲା । ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଯେ ସନ୍ନ୍ୟାସୀ ବେଶରେ ଆସି ଭୂମିକମ୍ପ ପରି ଭୟଙ୍କର ବିପତ୍ତିରୁ ଦରିଦ୍ର ବ୍ରାହ୍ମଣ ପରିବାରର ସମସ୍ତ ସଦସ୍ୟଙ୍କୁ ଉଦ୍ଧାର କରିଛନ୍ତି । ଏହା ସେମାନେ ଭଲଭାବରେ ବୁଝିଯାଇଥିଲେ । ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ତାଙ୍କର ବିଶ୍ୱାସ ଆହୁରି ପ୍ରଗାଢ଼ ହୋଇଯାଇଥିଲା । ଯୁଗେ ଯୁଗେ ଏହା ପ୍ରମାଣିତ ମହାପ୍ରଭୁ କାଳିଆ ସାଆନ୍ତ ନିଜର ଭକ୍ତଙ୍କୁ ଉଦ୍ଧାର କରିବା ପାଇଁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିଥାନ୍ତି ଏହା ବୁଝିବା ସାଧାରଣ ମନୁଷ୍ୟ ପକ୍ଷରେ ଅସମ୍ଭବ । ସେଥିପାଇଁ କୁହାଯାଏ
' ଭକତ ତ ମାତା ପିତା ଭକତ ତ ବନ୍ଧୁ,
ଭକତ ନିମନ୍ତେ ତୋର ନାମ କୃପାସିନ୍ଧୁ '।

ଗୋପାଳପୁର,ବାଲେଶ୍ୱର
ମୋ-୭୦୨୦୬୧୧୩୦୦

## ପାରମ୍ପରିକ ଲୋକକଳା: 'ସରମଙ୍ଗଲା'

ସୋନପୁର,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଏବଂ ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାର, ନୂଆଦିଲ୍ଲୀ ସହଯୋଗରେ ଗଂଗାଧର ମେହେର ଉଚ୍ଚ ବିଦ୍ୟାଳୟ, ସାଗରପାଲି ଠାରେ ଗୁରୁ ଶିଷ୍ୟ ପରମ୍ପରା ରିପେର୍ଟୋରୀ ଅନୁଦାନ ଅଧୀନରେ ଏକ ସାରସ୍ୱତ ସାଂସ୍କୃତିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ଲୋକକଳା:




'ସରମଙ୍ଗଲା'ଶୀର୍ଷକରେ ଗଂଗାଧର ମେହେର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସୋପାନରେ କବି ତଥା ଲେଖକ ବରିଷ୍ଠ ଶିକ୍ଷକ ବନବାସ ମେହେର ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରି ସରମଙ୍ଗଲା ଲୋକକଳା ଜୀବନ ଭିତରେ କଳାର ରସସିକ୍ତ ତରଙ୍ଗ ମନ ଓ ହୃଦୟରେ ଉଦ୍‌ବେଳନ ସୃଷ୍ଟିକରେ। ଜୀବନ ଧାରାକୁ ସହଜ, ସୁନ୍ଦର ମଧୁମୟ କରିବାରେ କଳା ହୁଏ ପ୍ରେରଣାର ଉତ୍ସ । ଜୀବନ ଓ ଜୀବିକା କ୍ଷେତ୍ରରେ କଳାର ମହତ୍ତ୍ୱ ତଥା ବଳିଷ୍ଠ ଯୋଗଦାନ ଅନସ୍ୱୀକାର୍ଯ୍ୟ ବୋଲି ନିଜର ବକ୍ତବ୍ୟରେ କହିଥିଲେ । ପ୍ରଥମେ ନୃତ୍ୟ ନିର୍ଦ୍ଦେଶକ ତଥା ଲୋକକଳା ଗବେଷକ ଗୁରୁ ଚୌଧୁରୀ ବିଭାର "ପାରମ୍ପରିକ ଲୋକକଳା: ସରମଙ୍ଗଲା" ଶୀର୍ଷକ ଏକ ସୁନ୍ଦର ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଲୋକ କଳାକାର ମାନଙ୍କର କଳା ଜୀବନକୁ ସୁଶୃଙ୍ଖଳିତ ତଥା ରସମୟ କରେ । କଳା ବ୍ୟତିରକେ ଜୀବନ ନିରଳସ । କଳା ତ ମନୋରଂଜନ ପ୍ରଦାନ କ୍ଷେତ୍ରରେ ଏକ ମାଧ୍ୟମ ଏବଂ ସୌନ୍ଦର୍ଯ୍ୟ କରିଥାଏ ବୋଲି ପ୍ରସନ୍ନ କୁମାର ସାହୁ ତାଙ୍କ ସଭାପତିତ୍ୱ ବକ୍ତବ୍ୟରେ କହିଥିଲେ।

## ଘୁମୁସରର ସ୍ୱର ପକ୍ଷରୁ ଆଲୋଚନାଚକ୍ର

ବୁଗୁଡ଼ା,(ନିପ୍ର): ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସରର ସ୍ୱର' ବାଲିପଦର ପକ୍ଷରୁ ସ୍ନାନ ପୂର୍ଣ୍ଣିମା ଅବସରରେ ବାଲିପଦର ଅହଲ୍ୟା ଦେବୀ ମହାବିଦ୍ୟାଳୟର ସଭା କକ୍ଷରେ ପ୍ରତିଷ୍ଠାନର ସଭାପତି ଡ.ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ୧୬୩ତମ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। 'ଭଞ୍ଜଙ୍କ ବୈଦେହୀଶ ବିଳାସ କାବ୍ୟରେ ପାଣ୍ଡିତ୍ୟ ଶୀର୍ଷକ ଆଲୋଚନାରେ ଅତିଥି ଭାବେ ଯୋଗଦେଇ ଭଞ୍ଜ ଗବେଷକ କାମ ରାଜୁ ସାହାଣୀ ଭଞ୍ଜ ସାହିତ୍ୟ ଓଡ଼ିଆ




ଜାତିର ଅସ୍ମିତା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ଆଶୁକବି ନନ୍ଦ କିଶୋର ପ୍ରଧାନ, କବି ପଦ୍ମଲୋଚନ ଗୌଡ, ଅଧ୍ୟାପିକା ଇତିଶ୍ରୀ ନାୟକ, ବନିତା କୁମାରୀ ନାୟକ, ମିନତି ରାଣୀ ଗୌଡ, କୈଳାଶ ଚନ୍ଦ୍ର ପ୍ରଧାନ,ବୃନ୍ଦାବନ ମହାନ୍ତି ଯୋଗଦେଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବାରମ୍ବାର ଭଞ୍ଜ ସାହିତ୍ୟ ଆଲୋଚନାର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

## ବିଦ୍ୟାଳୟ ଗାଡି ଦୁର୍ଘଟଣାଗ୍ରସ୍ତ, ୧୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ

ଖଣ୍ଡପଡା,(ନି.ପ୍ର) ଖଣ୍ଡପଡ଼ା ସହରସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଏକ ମାରୁତି ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ଗାଡି ଚାଳକ ଆହତ ହୋଇଥିବା ଜଣାଯାଇଛି। ସେମାନଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ବିଦ୍ୟାଳୟ ପରିସରରୁ ଉକ୍ତ ଗାଡିଟି ଛାତ୍ରଛାତ୍ରୀଙ୍କୁ ନେଇ ବେଣାଗାଡିଆ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ବରକୋଳି ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ଜଣାପଡିଛି। ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ରାସ୍ତା ପାର୍ଶ୍ୱସ୍ଥିତ ଏକ ଆମ୍ବ ଗଛରେ ଗାଡିଟି ଧକ୍କା ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ସୂଚନା ପାଇ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଆହତ ଚାଳକ ଓ ଛାତ୍ରଛାତ୍ରୀମାନଙ୍କୁ ସେଠାରୁ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାଯାଇଛି ।ଉକ୍ତ ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।ଏଥିପ୍ରତି ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,(ନିପ୍ର): ଭଦ୍ରକ ଚାନ୍ଦବାଲି ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୮୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୩୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୪୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୧ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ଜଣ ଅଭିଯୋଗକାରୀଙ୍କୁ ମୋଟ ୨୪,୦୦୦/- ଟଙ୍କା ମଞ୍ଜୁର କରାଯାଇଛି।

# କିଡ୍‌ନୀ ରୋଗରେ କୁହି ଗ୍ରାମବାସୀ

## ୩୦ରୁ ଉର୍ଦ୍ଧ୍ୱ ମୃତ, ୧୫ରୁ ଅଧିକ ଆକ୍ରାନ୍ତ !

ରେଢାଖୋଲ,(ନିପ୍ର): କିଡ୍‌ନି ରୋଗରେ ଆକ୍ରାନ୍ତ ଗ୍ରାମବାସୀ , ମହାନଦୀ ପିଇବା ପାଣି ଗ୍ରାମବାସୀଙ୍କ ପାଇଁ ସାତସପନ । ପାଣି ଡ୍ରମ୍ କିଣି ବିତାଉଛନ୍ତି ଜୀବନ । ବୋର୍ ୱେଲ୍ ପାଣି ଆସୁଥିଲେ ମଧ୍ୟ ତାହା ଜୀବନ ପାଇଁ ବିପଦ କାହିଁକି ନା ପାଣିରେ ଆସୁଛି ଲୌହ ଯୁକ୍ତ ପଦାର୍ଥ ଏବଂ ପାଣି ଦିଶୁଛି ଲାଲ୍ । ଦିନକୁ ଦିନ ବଢୁଛି କିଡିନି ରୋଗୀଙ୍କ ସଂଖ୍ୟା । ଲୋକେ ରୋଗ ଜାଣିବା ଆଗରୁ ଆକ୍ରାନ୍ତ ହେଲାଣି ରୋଗ । ଚିକିତ୍ସା କରିବେ କ'ଣ ? ଲୋକଙ୍କ ଗରିବି ସମସ୍ୟା ରୋଗକୁ ଦୁଇଗୁଣିତ କରୁଥିବା ବେଳେ ହାତରେ ନାହିଁ ରୋଗ ନିରାକରଣ ପାଇଁ ଅର୍ଥ । ଅନ୍ୟପକ୍ଷେ ପିଇବା ପାଣିରୁ ରୋଗ ହେଉଥିବା ନେଇ ଚିନ୍ତାରେ ଲୋକେ। ସେପଟେ ପିଇବା ପାଣି କିଣି ଜୀବନ ବିତାଉଛନ୍ତି ଏଠାକାର ସ୍ଥାନୀୟ ଲୋକେ ।ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୫ନଂ ୱାର୍ଡ ବଣ ପାହାଡ ଘେରା କୁହି ଗ୍ରାମ କଥା । ଆଜକୁ ବହୁବର୍ଷ ବିତିଯାଇଥିଲେ ମଧ୍ୟ ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଭୁକ୍ତ ଏହି ଗାଁରେ କିଡ୍‌ନି ରୋଗରେ ଆକ୍ରାନ୍ତ ବହୁ ପରିବାର । ଗାଁରେ ପାଖାପାଖି ଏହି ରୋଗରେ ଆଗରୁ ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେସରକାରୀ ଭାବରେ କୁହାଯାଇଛି।। ଏବେ ବି ଅଧିକାଂଶ ଲୋକ ଏହି ରୋଗରେ ଆକ୍ରାନ୍ତ ଅଛନ୍ତି । ଆଉ ଏହି ରୋଗର ମୁଖ୍ୟ କାରଣ ସାଜିଛି ଏଠାକାର ପାଣି । ଏହି ଗାଁ ରେ ପାଣିର ମୁଖ୍ୟ ସମସ୍ୟା ଯୋଗୁଁ



ଖୋଲା ଯାଇଥିବା ଟ୍ୱିବେଲ୍, ନଳକୂପ, ଓ କୁଅ ର ପାଣି ବ୍ୟବହାର ଉପଯୋଗୀ ହେଲେ ପିଇବା ଉପଯୋଗୀ ନୁହେଁ । ଏହି ପାଣି ପିଇଲେ କିଡନୀ ରୋଗର ଆକ୍ରାନ୍ତ ହେବାର ଆଶଙ୍କା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ଅନ୍ୟପଟେ ଏନ୍ ଏ ସି ଅନ୍ତର୍ଭୁକ୍ତ ଥାଇ ମଧ୍ୟ ଏଠାକୁ ବସୁଧା ଯୋଜନାରେ ଏପର୍ଯ୍ୟନ୍ତ ସୁଦ୍ଧା ପହଞ୍ଚି ପାରିନାହିଁ ମହାନଦୀ ପାଣି । ଯାହାକି ରେଢ଼ାଖୋଲ ଏନ୍ ଏ ସିର ସମସ୍ତ ୱାର୍ଡକୁ ମହାନଦୀ ପହଞ୍ଚି ସାରିଥିବା ବେଳେ ଏଠାକୁ କାହିଁକି ପହଞ୍ଚି ପାରିନାହିଁ ମହାନଦୀ ପାଣି ବୋଲି ସ୍ଥାନୀୟ ଲୋକେ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କଆଗରେ ଆପତ୍ତି କରିଛନ୍ତି ।ଆଗରୁ ମଧ୍ୟ ବହୁବାର ଏନେଇ ସ୍ଥାନୀୟ ପ୍ରଶାସନ କୁ ଲୋକେ ଜଣାଇଥିବା କହିଛନ୍ତି ଏଠାକାର ବସ୍ତି ବାସିନ୍ଦା । କିଡ୍‌ନୀ ରୋଗରେ ଏଠାରେ ଅନେକ ପରିବାର ନିଜ ବାପା, ମା,ଭାଇ ଓ ଭେଣ୍ଡିଆ ପୁଅକୁ ହରାଇ ଥିବା ବେଳେ ଏଠାକୁ ମହାନଦୀ ପାଣି ବ୍ୟବସ୍ଥା ଶୀଘ୍ର କରାଯାଉ ବୋଲି କୋହ ଭରା କଣ୍ଠରେ କହିଛନ୍ତି ଏହି ପରିବାର ଲୋକେ । ବର୍ତ୍ତମାନ ୧୫ଜଣରୁ ଉର୍ଦ୍ଧ୍ୱ ଲୋକ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ପଡିଛନ୍ତି ବୋଲି ସ୍ଥାନୀୟ କହିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ରୋଗୀ ଚିହ୍ନଟ,ଚିକିତ୍ସା ବ୍ୟବସ୍ଥା, କରାଯାଇନଥିବା ବେଳେ ଲୋକେ କେବଳ ପ୍ରଶାସନର ଭରସାରେ ହିଁ ରହିଛନ୍ତି । ଦୀର୍ଘ ଦୁଇ ,ତିନି ବର୍ଷ ହେଲାଣି ଧିରେ ଧିରେ ରୋଗ ଜଣକୁ ପରେ ଜଣେ ହେଉଥିବାରୁ ଲୋକେ ଏବେ ଭୟଭିତରେ ଅଛନ୍ତି । ଖୁବ ଶୀଘ୍ର ମେଡିକାଲ ଟିମ ପଠା ଯାଇ ଏସବୁ ଗାଁରେ ଚିକିତ୍ସା ଆରମ୍ଭ କରିବା ସହ ମହାନଦୀ ପିଇବା ପାଣି ସୁବିଧାକରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ବହିରେ ଶିକ୍ଷାଦାନ ପାଇଁ ନୋଟିସ୍ ଜାରି କରିବା ଦାବିରେ ଦାବିପତ୍ର

ଭଦ୍ରକ,(ନିପ୍ର): ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତ ବର୍ଷ ବହିରେ ଶିକ୍ଷାଦାନ ପାଇଁ ନୋଟିସ୍ ଜାରି କରିବା, ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, ଗଣ ଶିକ୍ଷା ମନ୍ତ୍ରୀ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସଂପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଇଂରାଜୀ ଭାଷାକୁ ଇଚ୍ଛାଧୀନ ନୁହେଁ ବାଧ୍ୟତାମୂଳକ କରିବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା ଦାବିରେ ଏଆଇଡିଏସଓ ପକ୍ଷରୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସଙ୍ଗଠନ ରାଜ୍ୟ କମିଟି ସଭ୍ୟ ଆଜମଲ ହୁସେନ, କାଜଲ ମଲ୍ଲିକ, ଅଜିଜ ଫାତିମା, ଲିପ୍ସା ମଲ୍ଲିକ ଅଭିଭାବକ ସୁରମା




ସାମଲ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ । ଏଠାରେ ସୂଚନାଯୋଗ୍ୟ ଚଳିତ ବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି । ଏହା ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଧ୍ୱଂସମୁଖୀ କରାଯାଇଥିବା ବେଳେ ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି । ଯେଉଁ ୨୬୦୦ରୁ ଅଧିକ ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ, ଯଦ୍ୱାରାକି ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ । ଫଳରେ ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେ ଅନ୍ଧକାରମୟ ହେବ କେବଳ ସେତିକି ନୁହେଁ ସେମାନେ ଅନ୍ଧତା, କୂପମଣ୍ଡୁକତାର ମଧ୍ୟ ଶୀକାର ହେବେ । ଅସଲରେ ଏହି ପାଠ୍ୟ ପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ସୁଦୂର ପ୍ରସାରୀ ଷଡ଼ଯନ୍ତ୍ର ଏବଂ ବିଜ୍ଞାନ ସମ୍ମତ ଶିକ୍ଷା ଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ପାଇଁ ଏକ ହୀନ ଚକ୍ରାନ୍ତ ବୋଲି ଏଆଇଡିଏସଓ ପକ୍ଷରୁ ଅଭିଯୋଗ କରାଯାଇଛି । ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ ନ କଲେ ଆଗାମୀ ଦିନରେ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ନୂତନ ପିଢ଼ି ମଧ୍ୟରେ ପଠନାଭ୍ୟାସ ବୃଦ୍ଧି ଉପରେ ଗୁରୁତ୍ୱ

ଆସିକା,(ନିପ୍ର): ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଅନ୍ତଃଜିଲ୍ଲା 'ବିକ୍ଷିପ୍ତା' ସାହିତ୍ୟ ସମ୍ମିଳନୀ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାହିତ୍ୟ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ସାହିତ୍ୟିକ, କବି, ଗବେଷକ ଓ ସାହିତ୍ୟପ୍ରେମୀ ଯୋଗଦେଇ ସାହିତ୍ୟିକ ପରିବେଶକୁ ସରଗରମ କରିଥିଲେ।

କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍ଘାଟନୀ ଅଧିବେଶନରେ ଡ. ବିନୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଦୁର୍ଗା ପ୍ରସାଦ ପଣ୍ଡା ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ସହ ନୂତନ ପିଢ଼ିଙ୍କ ମଧ୍ୟରେ ପଠନାଭ୍ୟାସ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କାଳିନ୍ଦୀ ଚରଣ ନାୟକ ଯୋଗଦେଇ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନର ଦୀର୍ଘ ୩୮ ବର୍ଷର ସାହିତ୍ୟିକ ଯାତ୍ରାର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ସୁଶାନ୍ତ ଦାଶ ସାହିତ୍ୟର ସାମାଜିକ




ଦାୟିତ୍ୱ ଓ ସୃଜନଶୀଳତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ. ସୁଶାନ୍ତ ଦାସ ଓ ଡ. ଗଜାନନ ତ୍ରିପାଠୀ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ସ୍ଥିତି, ନୂତନ ସୃଷ୍ଟିଧାରା ଏବଂ ଭବିଷ୍ୟତ ସମ୍ଭାବନା ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଥମ ଏବଂ ୨ୟ ପର୍ଯ୍ୟାରେ ଗୌରୀପତି ଦାଶ ସଭାପତିତ୍ୱ କରିଥିଲେ । ଏହାପରେ ଆୟୋଜିତ କବିତା ପାଠୋତ୍ସବରେ ବି. ଗୋବିନ୍ଦ ରାଓ ସଭାପତିତ୍ୱ କରିଥିବା ବେଳେ ରାଜୀବ ଲୋଚନ ପାଣିଗ୍ରାହୀ, ସୁନୀଲ କୁମାର ଗୌଡ଼, ଅଶୋକ କୁମାର ମାହାନ୍ତି, ଅମୂଲ୍ୟ କୁମାର ଦାଶ, ପ୍ରସନ୍ନ କୁମାର ସାହୁ ଓ ଚିନ୍ମୟ କୁମାର ବେବର୍ତ୍ତା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହି କବିମାନଙ୍କୁ ଉତ୍ସାହିତ କରିଥିଲେ ।ସମ୍ମିଳନୀର ଅନ୍ୟତମ ଆକର୍ଷଣ ଥିଲା କବିତା ଆସର। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୧୫୦ରୁ ଅଧିକ କବି ନିଜର ସ୍ୱରଚିତ କବିତା ପାଠ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କବିତା ଆସରକୁ ଯୁବ ସାହିତ୍ୟିକ ରାଜେଶ କୁମାର ପାତ୍ର, ରୁଦ୍ର ନାରାୟଣ ନାୟକ, ନନ୍ଦିନୀ ମହାରଣା ଏବଂ କାର୍ତ୍ତିକ ପାଣିଗ୍ରାହୀ ସୁନ୍ଦର ଭାବେ ସଂଯୋଜନା କରିଥିଲେ।

ସମ୍ମିଳନୀ ଅବସରରେ ବିଭିନ୍ନ କ୍ଷେତ୍ରରେ ସାହିତ୍ୟ ସେବା କରିଥିବା ବହୁ ପ୍ରତିଭାସମ୍ପନ୍ନ ସାହିତ୍ୟିକଙ୍କୁ ମାନପତ୍ର, ଉପଢୌକନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଡ. ଶ୍ୟାମା ପ୍ରସାଦ ମିଶ୍ର ସଫଳତାର ସହ ପରିଚାଳନା କରିଥିବା ବେଳେ ଯୁବ ସଂଯୋଜକ ରାଇ ରଞ୍ଜନ ନନ୍ଦ ଓ ସୁପ୍ରଜିତ ସାହୁ ବିଭିନ୍ନ ପର୍ଯ୍ୟାୟର ସମନ୍ୱୟ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଗୌରପତି ଦାଶ ଧନ୍ୟବାଦ ଅର୍ପଣ କରି ସମ୍ମିଳନୀର ସଫଳ ସମାପ୍ତି ଘୋଷଣା କରିଥିଲେ।

## ଶତାୟୁ ଛାତ୍ରାବାସର ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ପାରଳାଖେମୁଣ୍ଡି,(ନିପ୍ର): ରାଜା କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ଶତାୟୁ ଛାତ୍ରାବାସର ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ଇଂ ରୂପେଶ ପାଣିଗ୍ରାହୀ। ଦେଶ ସ୍ୱାଧୀନ ହେବାର ୩୫ ବର୍ଷ ପୂର୍ବେ ୧୯୧୨ରେ ପାରଳା ମହାରାଜା ନିର୍ମାଣ କରିଥିଲେ ଛାତ୍ରାବାସ, କଲେଜ ସ୍ଥାପନ କରିବା ସହିତ ଦୂର ଦୂରାନ୍ତରୁ କଲେଜ ପାଠ ପଢିବା ପାଇଁ ଆସୁଥିବା ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କ ରହିବା ଖାଇବା ବ୍ୟବସ୍ଥା ପାଇଁ ୪୨ କୋଠରୀ ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରିଥିଲେ ଗଜପତି ମହାରାଜ। ହେଲେ ଏବେ ଏହାର ରକ୍ଷଣାବେକ୍ଷଣର ଅଭାବ ଦେଖା ଦେଇଛି। ଅନେକ ବର୍ଷ ହେଲା କୋଠରୀ ଗୁଡିକରେ ରଙ୍ଗ ଦିଆଯାଇ ନଥିବା ବେଳେ ହୋଷ୍ଟେଲ ପରିସର ଘାସ ବୁଦାରେ ପରିପୂର୍ଣ୍ଣ ହୋଇ ଅତ୍ୟନ୍ତ



ବିପଦ ସଂକୁଳ ହୋଇ ରହିଥିବା ବେଳେ ପରିସରରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନାହିଁ, ଶୈଚାଳୟ ଓ ଗାଧୁଆଘର ଦୟନୀୟ ହୋଇପଡ଼ିଛି। ଖେଳକୁଦ ପାଇଁ ଅନ୍ତେବାସୀଙ୍କ ପାଇଁ ପ୍ରୋତ୍ସାହନ ନାହିଁ। ଏଭଳି ବିଭିନ୍ନ ସମସ୍ୟା ମଧ୍ୟରେ ପିଲାମାନେ ଏହି ଛାତ୍ରରାବାସରେ ରହି ପାଠପଢୁଛନ୍ତି। ଆଜି ଯାଏଁ କୌଣସି ପ୍ରଶାସନୀକ ଅଧିକାରୀ କିମ୍ବା ରାଜନେତା ଏଠାକାର ସମସ୍ୟା ଉପରେ ଦୃଷ୍ଟି ଦେଇ ନଥିବା ସ୍ଥଳେ ବିଧାୟକ ହଠାତ୍ ଛାତ୍ରାବାସ ଭିତରେ ପ୍ରବେଶ କରି କୋଠରୀ ଗୁଡିକ, ରୋଷେଇ ଘର, ଶୈଚାଳୟ, ଗାଧୁଆଘର ବୁଲି ଦେଖିଥିଲେ ଓ ଅନ୍ତେବାସୀ ଓ ହୋଷ୍ଟେଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଛାତ୍ରାବାସର ସମସ୍ୟାର ସମାଧାନ ଓ ଏହାର ପୁନରୁଦ୍ଧାର ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ବିଧାୟକ।।

## ଧାମନଗରରେ ଦ୍ୱିପହରରେ ବାଇକ୍ ଚୋରି, ଚୋର ଗିରଫ

ଧାମନଗର,(ନିପ୍ର): ଧାମନଗର ଥାନା ନିକସ୍ଥ ୟୁକୋ ବ୍ୟାଙ୍କ ନିକଟରୁ ଦିନ ଦ୍ୱିପହରରେ ଏକ ବାଇକ୍ ଚୋରି ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ତଦନ୍ତ କରି ଚୋରି ଗାଡ଼ିର କିଛି ଅଂଶ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଥାଉକି କୋରିଗାଁ ଗ୍ରାମର ବିଜୟ ସଂଖୁଆ ନିଜ ବାଇକ୍ (ନଂ- ଓଡି ୨୨ ଏଫ ୫୪୫୯) ଯୋଗେ ଦିନ ପ୍ରାୟ ୧୧ ଟା ସମୟରେ ଧାମନଗର ସ୍ଥିତ ବ୍ୟାଙ୍କକୁ କୌଣସି କାର୍ଯ୍ୟରେ ଯାଇଥିଲେ। ବ୍ୟାଙ୍କ କାମ ସାରି ବାହାରକୁ ଆସି ଦେଖିଲା ବେଳକୁ ଗାଡ଼ିଟି ସେଠାରେ ନଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ।ପୋଲିସ ଥାନା ସିସିଟିଭି କ୍ୟାମେରା ଯାଞ୍ଚ କରିବାରୁ ଚୋରିର ପର୍ଦ୍ଦାଫାଶ ହୋଇଥିଲା। ଧାମନଗର ହବିବିନଗର ଗ୍ରାମର ସେକ ଇସଲାମଙ୍କ ପୁଅ ସେକ ରାଜା ବାଇକ ଟିକୁ ଚୋରି କରିଥିବା ଜଣାପଡ଼ିଥିଲା। ସେକ ରାଜା ଉକ୍ତ ଗାଡ଼ିକୁ ହବିବିନଗରର ଜଣେ ପେଶାଦାର ଚୋରା ଗାଡ଼ି ବ୍ୟବସାୟୀ ମୀରି ଶାହାବାଜଙ୍କ ପୁଅ ମୀରି ଛୋଟୁକୁ ବିକ୍ରି କରି ଦେଇଥିଲା। ଅଭିଯୁକ୍ତ ଛୋଟୁ ଗାଡ଼ିଟିକୁ କାଟି ଖଣ୍ଡଖଣ୍ଡ କରି ଏହାର ବିଭିନ୍ନ ଯନ୍ତ୍ରାଂଶ ଦୁଇ ଘଣ୍ଟା ମଧ୍ୟରେ ବିକ୍ରି କରିସାରିଥିଲା ।ଖବର ପାଇ ଧାମନଗର ଥାନାର ଏସଆଇ ନାରାୟଣ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଚୋରି ଗାଡ଼ିର ଟାଙ୍କି ଓ ଅନ୍ୟ କିଛି ଯନ୍ତ୍ରାଂଶ ଜବତ କରିଛନ୍ତି। ଥାନା ନିକଟରେ ଦିନଦ୍ୱିପହରରେ ଏଭଳି ଚୋରି ହେବା ସାଧାରଣରେ ଭୟ ଓ ଅସନ୍ତୋଷ ସୃଷ୍ଟି କରିଛି।

## ଶିଶୁ କଲ୍ୟାଣ ସମିତିର ନୂତନ ଭବନ ଉଦ୍‌ଘାଟିତ

### ଦୀର୍ଘ ୧୩ ବର୍ଷ ପରେ ମିଳିଲା ନିଜସ୍ୱ ସରକାରୀ ଭବନ

ସୁବର୍ଣ୍ଣପୁର,(ନିପ୍ର): ସୁବର୍ଣ୍ଣପୁର ଶିଶୁ କଲ୍ୟାଣ ସମିତିର ନୂତନ ସରକାରୀ ଭବନ ଉଦଘାଟନ କଲେ ଜିଲ୍ଲାପାଳ ଡ.ନୃପରାଜ ସାହୁ । ଦୀର୍ଘ ୧୩ ବର୍ଷର ପ୍ରତୀକ୍ଷା ପରେ ଶିଶୁ କଲ୍ୟାଣ ସମିତି, ସୁବର୍ଣ୍ଣପୁର ର ନୂତନ ସରକାରୀ କାର୍ଯ୍ୟାଳୟ ଭବନ ଉଦ୍ଘାଟିତ ହୋଇଛି । ନୂତନ କାର୍ଯ୍ୟାଳୟ ଦ୍ୱାରା ଶିଶୁ ମାନଙ୍କ ସୁରକ୍ଷା,ଯତ୍ନ ଓ ପୁନର୍ବାସ ସମ୍ବନ୍ଧୀୟ କାର୍ଯ୍ୟ ଅଧିକ ସୁବିଧାଜନକ ଓ ସୁଚାରୁ ଭାବେ ସମ୍ପାଦିତ ହୋଇପାରିବ । ଉଦ୍ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡା. ନୃପରାଜ ସାହୁ



ଉଦ୍ଘଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଯୋଗ ଦେଇଥିବା ବେଳେ ଶିଶୁ କଲ୍ୟାଣ ସମିତି, ପୂର୍ବତନ ଶିଶୁ କଲ୍ୟାଣ ସମିତିର ସଭ୍ୟ ରାଧେଶ୍ୟାମ ପଣ୍ଡା, କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ନୂତନ କାର୍ଯ୍ୟାଳୟ ଭବନ ଶିଶୁ ସୁରକ୍ଷା ଦିଗରେ ଏକ ନୂଆ ପଦକ୍ଷେପ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ପୂର୍ବରୁ ଭଡ଼ା ଘରେ କାର୍ଯ୍ୟାଳୟ ଚାଲୁ ଥିବାରୁ ବିଭିନ୍ନ ସମସ୍ୟା ଦେଖା ଦେଇଥିଲା । ନୂତନ ସରକାରୀ ଭବନ ମିଳିବା ପରେ ଶିଶୁ ମାନଙ୍କ ହିତରେ ଶୁଣାଣି ଓ ଅନ୍ୟାନ୍ୟ କାର୍ଯ୍ୟ ଆହୁରି ଭଲ ଭାବରେ ହୋଇପାରିବ ।

# ଗାଁ ଗହଳରେ ହଜିଯାଉଛି ହଳଲଙ୍ଗଳ

ପାରଳାଖେମୁଣ୍ଡି,(ନିପ୍ର): ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହିତ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆସିଛି। ଆଜି ଟ୍ରାକ୍ଟର, ପାୱାର ଟିଲର ଓ ଅନ୍ୟାନ୍ୟ ଆଧୁନିକ କୃଷି ଯନ୍ତ୍ରପାତି କୃଷକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଫଳରେ, ପାରମ୍ପରିକ ହଳଲଙ୍ଗଳର ବ୍ୟବହାର ପୂର୍ବ ତୁଳନାରେ ବହୁ ପରିମାଣରେ କମିଯାଇଛି। ତଥାପି, ଗଜପତି ଭଳି ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ଆଜି ମଧ୍ୟ ଅନେକ କୃଷକ ବଳଦ ସହାୟତାରେ ଚାଷବାସ କରୁଛନ୍ତି । ପାହାଡ଼ିଆ, ସଂକୀର୍ଣ୍ଣ ଜମି ଅବା ଯେଉଁ ସ୍ଥାନରେ ଟ୍ରାକ୍ଟର ପହଞ୍ଚିବା ସମ୍ଭବ ହେଉନି, ସେଠାରେ ହଳଲଙ୍ଗଳ ହିଁ କୃଷକଙ୍କ ଏକମାତ୍ର ଭରସା ପାଲଟିଛି।

ବଳଦ କେବଳ ଚାଷ କାମରେ ସହଯୋଗ କରେ ନାହିଁ, ବରଂ, ଏହାର ଗୋବର ଓ ମୂତ୍ର ଜୈବିକ ସାର ଏବଂ କୀଟନାଶକ ପ୍ରସ୍ତୁତିରେ ବହୁ ଉପଯୋଗୀ ସାବ୍ୟସ୍ତ ହେଉଛି। ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମିର ଉର୍ବରତା କମିଯାଉଥିବା ବେଳେ ଜୈବିକ ସାର



ଜମିର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସହ ପରିବେଶ ସନ୍ତୁଳନ ବଜାୟ ରଖିବାରେ ସହାୟକ ହେଉଛି। ସେଥିପାଇଁ,ବର୍ତ୍ତମାନ ଜୈବିକ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବା ସହ ହଳଲଙ୍ଗଳର ଗୁରୁତ୍ୱ ପୁଣିଥରେ ଅନୁଭବ କରାଯାଉଛି। ଆଧୁନିକ କୃଷି ଯନ୍ତ୍ରପାତି ସମୟ ଓ ଶ୍ରମ ସଞ୍ଚୟ କରୁଥିବା ସତ୍ତ୍ୱେ ଏହାର ଇନ୍ଧନ ଖର୍ଚ୍ଚ, ରକ୍ଷଣାବେକ୍ଷଣ ବ୍ୟୟ ଏବଂ ଛୋଟ କୃଷକଙ୍କ ପାଇଁ ଆର୍ଥିକ ବୋଝର କାରଣ ସାଜୁଛି। ଅନ୍ୟପକ୍ଷରେ, ବଳଦ ଦ୍ୱାରା ଚାଷ କଲେ ଖର୍ଚ୍ଚ କମ୍ ହେବା ସହ ପରିବେଶ ଉପରେ ପ୍ରଦୂଷଣର ପ୍ରଭାବ ପଡୁନାହିଁ। ଏଣୁ, ଅନେକ କ୍ଷୁଦ୍ର ଓ ପ୍ରାନ୍ତିକ କୃଷକ ଆଜି ମଧ୍ୟ ପାରମ୍ପରିକ ହଳଲଙ୍ଗଳକୁ ପ୍ରାଧାନ୍ୟ ଦେଉଛନ୍ତି । ଆଧୁନିକତାର ଦୌଡ଼ରେ ଏହାର ବ୍ୟବହାର କମିଥିଲେ ମଧ୍ୟ ଏହାର ଆବଶ୍ୟକତା, ଉପଯୋଗିତା ଓ ଗୁରୁତ୍ୱ ଆଜି ମଧ୍ୟ ଅକ୍ଷୁର୍ଣ୍ଣ ରହିଛି।

## ଧବଳେଶ୍ୱର କଟା ମାଟିକାମରେ ଦୁର୍ନୀତି

### ସ୍ୱଚ୍ଛତା ସହ କାମ ନ କଲେ ଗ୍ରାମବାସୀ କରିବେ ଆନ୍ଦୋଳନ

ବଲାଙ୍ଗିର,(ନିପ୍ର): ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା ପଂଚାୟତର ବୁଢାବାହାଲ ଗାଁ ରେ ହୋଇଥିବା ଏକ ସାମାଜିକ କାର୍ଯ୍ୟରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ । ଏହି ସମୟରେ ଗାଁ ଲୋକଙ୍କ ସହ ଆଲୋଚନା ବେଳେ ଜଣେ ସ୍ଥାନୀୟ ବିଜେପି ନେତା ବାସୁଦେବ ସିଂ ନିନା ଟେପରେନ ଗାଁ ରେ ଥିବା ଧବଳେଶ୍ୱର କଟାରେ ଚାଲିଥିବା ପୋଖରି ଉନ୍ନତିକରଣ କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ଶ୍ରୀ ମିଶ୍ରଙ୍କ ଆଗରେ ରଖିଥିଲେ । ତା ସହ କିଛି ସ୍ଥାନୀୟ ଲୋକଙ୍କ ସହ ଆସି ପୋଖରୀ କାମ ପରିଦର୍ଶନ କରିବା ପାଇଁ ଅନୁରୋଧ କରିଥିଲେ । ଶ୍ରୀ ମିଶ୍ର ତୁରନ୍ତ ଟେପରେନ ଗାଁରେ ଥିବା ୧୮.୫୬ ଏକରର ଏହି ପୋଖରୀକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ଉପସ୍ଥିତ ଥିବା ଲୋକେ ତଥା ଶ୍ରୀ ସିଂ ନିନା ମାଟି କାମରେ କିପରି ଦୁର୍ନୀତି ହୋଇଛି ସେ ସବୁ ଗୋଟି ଗୋଟି କରି ବଖାଣିଥିଲେ । ୧୦ ଲକ୍ଷ ଟଙ୍କାର ଭିତ୍ତିଭୂମି ବିକାଶ ଅନୁଦାନରୁ ଏହି ପୋଖରୀ କାର୍ଯ୍ୟ କରାଯାଉଛି । ଏହି ପୋଖରୀ ଉପରେ ଏହି ଗାଁ ର ୩ଟି ୱାର୍ଡର ଲୋକ ନିର୍ଭର କରନ୍ତି । ଯଦି ଏହି କାମରେ ସ୍ୱଚ୍ଛତା ନ ଆସେ ତେବେ ଟେପରେନ ଗ୍ରାମବାସୀ ଏହି ଦୁର୍ନୀତି ଅଭିଯୋଗକୁ ନେଇ ବ୍ଲକ ଆଗରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସ୍କୁଲ୍ ଭ୍ୟାନ୍ ଉପରେ ଗଛ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ, ୫ ଆହତ



ମୁମ୍ବାଇ,୩୦।୬: ମୁମ୍ବାଇରେ ଆଜି ଏକ ଅଭାବନୀୟ ଘଟଣାକ୍ରମରେ ଏକ ସ୍କୁଲ୍ ଭ୍ୟାନ୍ ଉପରେ ଗଛ ପଡ଼ିଯିବା ଫଳରେ ଜଣେ ୧୧ ବର୍ଷୀୟ ଛାତ୍ରଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୫ ଜଣ ଛାତ୍ର ଆହତ ହୋଇଛନ୍ତି। ମୁମ୍ବାଇର ଚେମ୍ବୁରରେ ଆଜି ଏହି ଘଟଣା ଘଟିଛି। ସ୍କୁଲ୍ ଭ୍ୟାନରେ ମୋଟ୍ ୧୮ ଜଣ ଥିଲେ ଏବଂ ସେମାନେ ସମସ୍ତେ ତିଲକ ନଗର ୟୁନିଭର୍ସାଲ ସ୍କୁଲର ଛାତ୍ର। ଅପରାହ୍ନ ପ୍ରାୟ ୨.୫୦ ସମୟରେ ଏହି ଘଟଣା ଘଟିଛି। ଜୋନ୍ ୬ ଡିସିପି ସମୀର ଶେଖ୍ କହିଛନ୍ତି, ମୃତ ଛାତ୍ରଙ୍କ ନାଁ ବିହାନ ଶ୍ରୀବାସ୍ତବ। ତାଙ୍କୁ ହସ୍ପିଟାଲରେ ଡାକ୍ତରମାନେ ମୃତ ଘୋଷଣା କରିଛନ୍ତି। ୧୮ ଜଣଙ୍କ ମଧ୍ୟରୁ ୧୨ ଛାତ୍ରଙ୍କୁ ଗାଡ଼ିରୁ ଉଦ୍ଧାର କରି ଘରକୁ ପଠାଯାଇଛି। ୫ ଜଣ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ଅନ୍ୟ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି।

## ୟୁପିରେ ଦୁଇଟି ସଡ଼କ ଦୁର୍ଘଟଣା: ୯ ମୃତ, ୨୨ ଆହତ



ଉତ୍ତରପ୍ରଦେଶ,୩୦।୬: ଉତ୍ତରପ୍ରଦେଶରେ ସୋମବାର ସନ୍ଧ୍ୟାରେ ଦୁଇଟି ଭିନ୍ନ ଭିନ୍ନ ସଡ଼କ ଦୁର୍ଘଟଣାରେ ପ୍ରାୟ ୯ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୨୨ ଜଣ ଗୁରୁତର ଆହତ ହୋଇଛନ୍ତି। ମଥୁରା ଜିଲ୍ଲାର ଯମୁନା ଏକ୍ସପ୍ରେସୱେର ରାୟା ଥାନା ଅନ୍ତର୍ଗତ ୧୧୨ ନମ୍ବର ମାଇଲଷ୍ଟୋନ୍ ନିକଟରେ ପ୍ରାୟ ୬୫ ଜଣ ଯାତ୍ରୀଙ୍କୁ ନେଇ ଲକ୍ଷ୍ନୌରୁ ନୋଇଡା ଅଭିମୁଖେ ଯାଉଥିବା ଏକ ଡବଲ୍-ଡେକର ସ୍ଲିପର ବସ୍ ଆଗରେ ଯାଉଥିବା ଏକ ଟ୍ରେଲର ସହ ପିଟି ହେବା ଫଳରେ ୪ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି ଓ ୧୯ ଜଣ ଆହତ ହୋଇଥିବାବେଳେ ଅନ୍ୟ ଏକ ଦୁଃଖଦାୟକ ଘଟଣା ଫିରୋଜାବାଦରୁ ଘଟିଛି। ପ୍ରବଳ ଝଡ଼ ତୋଫାନ ଯୋଗୁଁ ରାସ୍ତା କଡ଼ରେ ଥିବା ଏକ ବିରାଟ ନିମ୍ବ ଗଛ ଉପୁଡ଼ି ଏକ ଚଳନ୍ତା ଇ-ରିକ୍ସା ଉପରେ ପଡ଼ିଯିବା ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି ଏବଂ ମୃତକମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରୟାସ ଚଳାଇଛି। ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ତୋଷ କୁମାର ଶର୍ମାଙ୍କ ସୂଚନା ଅନୁଯାୟୀ, ଇ-ରିକ୍ସାଟି ଏତା ଜିଲ୍ଲାର ଆୱାଗଡ଼ରୁ ଫରିହା ଆଡ଼କୁ ଯାଉଥିବା ବେଳେ ହଠାତ୍ ଏହି ଅଘଟଣ ଘଟିଥିଲା। ଗଛଟି ସିଧାସଳଖ ଗାଡ଼ି ଉପରେ ପଡ଼ିବାରୁ ସେଥିରେ ଥିବା ୮ ଜଣ ଯାତ୍ରୀ ଭିତରେ ଫସି ରହିଥିଲେ। ପୋଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଗ୍ରାମବାସୀ ଏକ ଜେସିବି ମେସିନ ସାହାଯ୍ୟରେ ଗଛକୁ ହଟାଇ ସମସ୍ତଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ହସ୍ପିଟାଲ ପହଞ୍ଚିବା ପୂର୍ବରୁ ୫ ଜଣ ପ୍ରାଣ ହରାଇଥିଲେ।

## ୟୁପିଆଇରେ ଯୋଡ଼ିହେଲା ଗ୍ରୀସ୍

ନୂଆଦିଲ୍ଲୀ, ୩୦।୬: ଭାରତର ୟୁପିଆଇ( ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ) ସେବା ଗ୍ରୀସରେ ଆରମ୍ଭ ହୋଇଛି। ଏଥେନ୍ସସ୍ଥିତ ୟୁରୋବ୍ୟାଙ୍କ ମୁଖ୍ୟାଳୟରେ ୟୁରୋ ବ୍ୟାଙ୍କ ଓ ଏନ୍ପିସିଆଇ ଇଣ୍ଟରନ୍ୟାସନାଲ ପେମେଣ୍ଟସ ଲିମିଟେଡ (ଏନ୍‌ଆଇପିଏଲ୍) ସହଭାଗିତାରେ ଉକ୍ତ ସେବା ଆରମ୍ଭ କରାଯାଇଛି। ଗ୍ରୀସ ଗସ୍ତ ଅବସରରେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏହି ସେବାର ଉନ୍ମୋଚନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ୟୁରୋବ୍ୟାଙ୍କ ସିଇଓ ଫୋକିନ କାରାବିୟାସ ଓ ଫେୟାରଫ୍ୟାକ୍ସ ଡିଜିଟାଲ ସର୍ଭିସେସର ସିଇଓ ସଞ୍ଜୟ ତଗନେତ୍ ଯୋଗ ଦେଇଥିଲେ।

## ହାତରେ ଲାଠି ଧରି ବିଦେଶୀଙ୍କୁ ଖୋଜୁଛନ୍ତି ଦକ୍ଷିଣ ଆଫ୍ରିକା ଲୋକେ

ନୂଆଦିଲ୍ଲୀ,୩୦।୬: ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ଏକ ଗମ୍ଭୀର ମାନବିକ ଏବଂ ସାମାଜିକ ସଙ୍କଟର ସମ୍ମୁଖୀନ ହେଉଛି। ଦେଶର ବିଭିନ୍ନ ସ୍ଥାନରେ ବିଦେଶୀ ନାଗରିକଙ୍କ ବିରୋଧରେ ଘୃଣା ଏବଂ ହିଂସା ଦେଖାଦେଇଛି। ସ୍ଥାନୀୟ ମୌଳବାଦୀ ଗୋଷ୍ଠୀଗୁଡ଼ିକ ବିନା ଦସ୍ତାବିଜରେ ରହୁଥିବା ବିଦେଶୀ ନାଗରିକମାନଙ୍କୁ ଦେଶ ଛାଡିବା ପାଇଁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମୟସୀମା ଦେଇଥିଲେ। ଏହି ଧାର୍ଯ୍ୟ ତାରିଖ ପୂର୍ବରୁ ପ୍ରାୟ ୨୫ ହଜାର ପ୍ରବାସୀ ଭୟରେ ଦେଶ ଛାଡି ପଳାଇ ସାରିଛନ୍ତି। ରାଜଧାନୀ ଜୋହାନ୍ସବର୍ଗ ଏବଂ ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକର ରାସ୍ତାରେ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ ଭିଡ଼ ଲାଠି ଏବଂ ଢାଲ ଧରି ବିଦେଶୀ ନାଗରିକଙ୍କୁ ଖୋଜୁଛନ୍ତି। ଅନେକ ସ୍ଥାନରେ ସାଧାରଣ ଲୋକମାନେ ନିଜେ ବିଦେଶୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି ଏବଂ ସେମାନଙ୍କୁ ସେମାନଙ୍କ ଘରୁ କିମ୍ବା କର୍ମକ୍ଷେତ୍ରରୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ହିଂସା ଏତେ ବଢ଼ିଛି ଯେ, ସମ୍ପ୍ରତି ଦୁଇ ଜଣ ମୋଜାମ୍ବିକ ଏବଂ ଜଣେ ମଲାୱି ନାଗରିକଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି। ଭୟରେ ହଜାର ହଜାର ଲୋକ ଅସ୍ଥାୟୀ ଶିବିରରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ଏହି ହିଂସାତ୍ମକ ଆନ୍ଦୋଳନ ମୁଖ୍ୟତଃ ଦକ୍ଷିଣ ଆଫ୍ରିକାର ପାରମ୍ପରିକ ଜୁଲୁ ପୋଷାକ ପିନ୍ଧିଥିବା ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛି।

## ଆଶାରାମଙ୍କୁ ସୁପ୍ରିମକୋର୍ଟରୁ ଝଟକା

ନୂଆଦିଲ୍ଲୀ,୩୦।୬; ସୁପ୍ରିମକୋର୍ଟରେ ଆତ୍ମଘୋଷିତ ବାବା ଆଶାରାମ ବାପୁଙ୍କୁ ମଙ୍ଗଳବାର ଲାଗିଛି ବଡ଼ ଝଟକା। କୋର୍ଟ ତାଙ୍କୁ ତୁରନ୍ତ ଜାମିନ୍ ଦେବାକୁ ମନା କରିଦେଇଛନ୍ତି। ଏହା ସହ କହିଛନ୍ତି, ବେଲର ଆବଶ୍ୟକତାକୁ ନେଇ ଅନ୍ୟ ଦିଗ ଉପରେ ମଧ୍ୟ ଚର୍ଚ୍ଚା ହେବ। ଆମେ ପ୍ରଥମେ ରାଜସ୍ଥାନ ସରକାରଙ୍କ ପକ୍ଷ ଶୁଣିବୁ। ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଆଶାରାମଙ୍କର ଏକ ପ୍ରଭାବଶାଳୀ ପଦବୀ ଅଛି, ତାଙ୍କ ଜାମିନ ଆବେଦନର ଶୁଣାଣି କରିବା ସମୟରେ ଆମକୁ ଏହା ବିଚାର କରିବାକୁ ପଡିବ। ଆଶାରାମଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟର ବିଚାରପତି ଏମ୍‌ଏମ୍ ସୁନ୍ଦରେଶ ଏବଂ ଶୀଳ ନାଗୁଙ୍କ ଖଣ୍ଡପୀଠ ତାଙ୍କ ଦଣ୍ଡାଦେଶକୁ ସ୍ଥଗିତ ରଖିବାକୁ ମନା କରିଦେଇଥିଲେ।

### ଏଫ୍‌ଏଟିଏଫ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ପ୍ରସଙ୍ଗ

# ଯାଞ୍ଚ ଓ ନିରୀକ୍ଷଣର ରହିଛି ଭୟ: ଆନ୍ତର୍ଜାତିକ ଦାୟିତ୍ୱ ପାଳନ ହେଉ

ନୂଆଦିଲ୍ଲୀ,୩୦।୬: ଜାତିସଂଘରେ ଭାରତ କହିଛି ଯେ, ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ଉପରେ ନଜର ରଖୁଥିବା ଆନ୍ତର୍ଜାତିକ ସଂସ୍ଥା ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ବିଶ୍ୱସନୀୟତାକୁ କେତେକ ଦେଶ ପ୍ରଶ୍ନ କରୁଛନ୍ତି। ଏହାର ପ୍ରକୃତ କାରଣ ହେଉଛି ଯାଞ୍ଚ ଓ ନିରୀକ୍ଷଣର ଭୟ। ଭାରତ ପରୋକ୍ଷ ଭାବେ ପାକିସ୍ତାନକୁ ଇଙ୍ଗିତ କରି କହିଛି, ଯେଉଁ ଦେଶଗୁଡ଼ିକ ନିଜ ଭୂଖଣ୍ଡ, ସଂସ୍ଥା କିମ୍ବା ଆର୍ଥିକ ବ୍ୟବସ୍ଥାକୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର ହେବାକୁ ଦେଉଛନ୍ତି, ସେମାନେ ଅନ୍ୟ ଦେଶରେ ଅସ୍ଥିରତା ସୃଷ୍ଟି ବନ୍ଦ କରି ଆନ୍ତର୍ଜାତିକ ଦାୟିତ୍ୱ ପାଳନ କରିବା ଉଚିତ। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ବତାନେନୀ ହରିଶ 'ପରିବର୍ତ୍ତିତ ବିପଦ ଓ ନୂତନ ପ୍ରଯୁକ୍ତି ପରିପ୍ରେକ୍ଷୀରେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣର ମୁକାବିଲା' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଏହି ମତ ରଖିଥିଲେ। ଭାରତ, ଫ୍ରାନ୍ସ, ଜାତିସଂଘର କାଉଣ୍ଟର ଟେରୋରିଜମ୍ କମିଟି ଏକ୍ସିକ୍ୟୁଟିଭ୍ ଡିରେକ୍ଟୋରେଟ୍, ଜାତିସଂଘ କାଉଣ୍ଟର ଟେରୋରିଜମ୍ କାର୍ଯ୍ୟାଳୟ ଏବଂ ଗ୍ଲୋବାଲ୍ ଇଣ୍ଟରନେଟ୍ ଫୋରମ୍ ଟୁ କାଉଣ୍ଟର ଟେରୋରିଜମ୍ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ହରିଶ କହିଥିଲେ, ଏଫ୍‌ଏଟିଏଫ୍ ବିଶ୍ୱସ୍ତରରେ ଆତଙ୍କବାଦୀଙ୍କ ଅର୍ଥ ଯୋଗାଣ ବିରୋଧୀ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହାର କାର୍ଯ୍ୟ ପ୍ରମାଣଭିତ୍ତିକ, ପ୍ରଯୁକ୍ତିନିର୍ଭର ତଥା ଆନ୍ତର୍ଜାତିକ ମାନଦଣ୍ଡ ଉପରେ ଆଧାରିତ।




ତେଣୁ ଏହାର ବିଶ୍ୱସନୀୟତାକୁ ନେଇ ସନ୍ଦେହ ସୃଷ୍ଟି କରିବା ପରିବର୍ତ୍ତେ, ଯେଉଁ ଦେଶ ବିରୋଧରେ ଆପତ୍ତି ଉଠିଛି ସେମାନେ ନିଜ ବ୍ୟବସ୍ଥାର ଦୁର୍ବଳତା ଦୂର କରିବା, ଆଇନ ପ୍ରୟୋଗକୁ ସୁଦୃଢ଼ କରିବା, ଆର୍ଥିକ ସ୍ୱଚ୍ଛତା ବଢ଼ାଇବା ଏବଂ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ବନ୍ଦ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବା ଉଚିତ। ସେ କହିଥିଲେ, ଭାରତ ଦୀର୍ଘ ଦିନ ଧରି ସୀମାପାର ଆତଙ୍କବାଦର ସମ୍ମୁଖୀନ ହୋଇଆସୁଛି। ବର୍ତ୍ତମାନ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ଯୋଗୁଁ ଆତଙ୍କବାଦୀଙ୍କ ଅର୍ଥ ଯୋଗାଣର ଉତ୍ସ, ପଦ୍ଧତି ଓ ମାଧ୍ୟମ ଅଧିକ ଜଟିଳ ହୋଇପଡ଼ିଛି। ଏହା ବିଶ୍ୱ ସମୁଦାୟ ପାଇଁ ଗମ୍ଭୀର ଚିନ୍ତାର ବିଷୟ। ଭାରତ ଏହି ଚ୍ୟାଲେଞ୍ଜକୁ ମୁକାବିଲା ପାଇଁ କେନ୍ଦ୍ରୀଭୂତ ଡିଜିଟାଲ୍ ବିନିମୟ ପ୍ଲାଟଫର୍ମ ଓ ବ୍ୟବହାରକାରୀଙ୍କ ପାଇଁ କଡ଼ା ଯାଞ୍ଚ ବ୍ୟବସ୍ଥା ଲାଗୁ କରିଛି। ଆତଙ୍କବାଦୀଙ୍କ ଅର୍ଥ ଯୋଗାଣକୁ ରୋକିବା ପାଇଁ ଭାରତ ନିଜ ଅଭିଜ୍ଞତା ଓ ଶ୍ରେଷ୍ଠ ପଦ୍ଧତିଗୁଡ଼ିକୁ ଏଫ୍‌ଏଟିଏଫ୍ ସହ ବାଣ୍ଟିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ।

### ଉଦ୍ଧବ ଠାକରେଙ୍କୁ ବଡ଼ ଝଟକା

## ସଚିନ ଅହିର ସିନ୍ଦେ ଶିବିରରେ ସାମିଲ



ମୁମ୍ବାଇ,୩୦।୬: ମହାରାଷ୍ଟ୍ର ରାଜନୀତିରେ ଶିବସେନାକୁ ପୁଣି ଏକ ବଡ଼ ଝଟକା ଲାଗିଛି। ଶିବସେନାର ବରିଷ୍ଠ ନେତା ତଥା ବିଧାନ ପରିଷଦ ସଦସ୍ୟ ସଚିନ ଅହିର ଆନୁଷ୍ଠାନିକ ଭାବରେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଛନ୍ତି। ଦଳ ପରିବର୍ତ୍ତନର ମାତ୍ର କିଛି ସମୟ ମଧ୍ୟରେ ସେ ମହାରାଷ୍ଟ୍ର ବିଧାନ ପରିଷଦର ଉପାଧ୍ୟକ୍ଷ ପଦ ପାଇଁ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି। ମହାରାଷ୍ଟ୍ର ରାଜନୀତିରେ ଏହି ପଦକ୍ଷେପକୁ 'ଅପରେସନ୍ ଟାଇଗର-୩' ବୋଲି କୁହାଯାଉଛି। ସିନ୍ଦେ ଗୋଷ୍ଠୀର ଦାବି ଅନୁଯାୟୀ, ଉଦ୍ଧବ ଠାକରେଙ୍କ ଶିବିରର ଆହୁରି ଅନେକ ବିଧାୟକ ଆଗାମୀ ଦିନରେ ଦଳ ଛାଡ଼ି ପାରନ୍ତି। ସଚିନ ଅହିର କେବଳ ଶିବସେନାର ଜଣେ ବରିଷ୍ଠ ନେତା ନଥିଲେ, ବରଂ ମୁମ୍ବାଇର ବିଶେଷ କରି 'ୱର୍ଲି' ନିର୍ବାଚନ ମଣ୍ଡଳୀରେ ଆଦିତ୍ୟ ଠାକରେଙ୍କ ସବୁଠାରୁ ଭରସାଯୋଗ୍ୟ ଏବଂ ଦକ୍ଷ ସହଯୋଗୀ ଥିଲେ। ୨୦୧୯ ମସିହାରେ ଯେତେବେଳେ ଆଦିତ୍ୟ ଠାକରେ ନିଜର ପ୍ରଥମ ନିର୍ବାଚନ ଲଢ଼ିଥିଲେ, ସେତେବେଳେ ସଚିନ ଅହିରଙ୍କୁ ଶିବସେନାକୁ ଅଣାଯାଇଥିଲା ଏବଂ ୱର୍ଲିର ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା। ଆଦିତ୍ୟଙ୍କର ସବୁଠାରୁ ନିକଟତର ବ୍ୟକ୍ତି ଏବେ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି । ଏହି ଘଟଣା ଆଦିତ୍ୟ ଠାକରେଙ୍କ ରାଜନୈତିକ ପରିପକ୍ୱତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସଂଗଠନ ମଜଭୁତ ହେଉଥିବା ନେଇ ଉଦ୍ଧବ ଠାକରେଙ୍କ ଦାବିକୁ ମଧ୍ୟ ଝଟକା ଦେଇଛି। ନିଜର ଏହି ଅତ୍ୟନ୍ତ ନିକଟତର ନେତା ଦଳ ଛାଡ଼ିବା ପରେ ଆଦିତ୍ୟ ଠାକରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦଳ ଅହିରଙ୍କୁ ସବୁ କିଛି ଦେଇଥିଲା, ତଥାପି ସେ ଦଳ ଛାଡ଼ିବା ତାଙ୍କର ଆଦର୍ଶହୀନତାକୁ ଦର୍ଶାଉଛି। ଜୀବନରେ କିଛି ନୀତି ଓ ଆଦର୍ଶ ରହିବା ଉଚିତ। ଯଦି ଦଳ ଆପଣଙ୍କୁ ସବୁ କିଛି ଦେଇଛି, ତେବେ କଠିନ ସମୟରେ ଆପଣଙ୍କୁ ମଧ୍ୟ ଦଳ ସହ ଠିଆ ହେବାକୁ ପଡ଼ିବ। ତାଙ୍କୁ ମୋ ପାଖକୁ ଆଣନ୍ତୁ, ମୁଁ ତାଙ୍କୁ ପଚାରିବି ଯେ, ଏମିତି କଣ ଥିଲା ଯାହା ଦଳ ତାଙ୍କୁ ଦେଇ ନଥିଲା।

### ଆସାମ, ଅରୁଣାଚଳରେ ବର୍ଷା ବିଘ୍ନାତ

## ୪୫ ହଜାରରୁ ଅଧିକ ଲୋକ ପ୍ରଭାବିତ



ଗୁଆହାଟୀ,୩୦।୬: ଅରୁଣାଚଳ ପ୍ରଦେଶ ଏବଂ ଆସାମରେ ପ୍ରବଳ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ଅଚାନକ ବନ୍ୟା ଏବଂ ଭୂସ୍ଖଳନ ହୋଇ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ରାସ୍ତାଘାଟ, ପୋଲ ଏବଂ ସାଧାରଣ ଭିତ୍ତିଭୂମି ବ୍ୟାପକ କ୍ଷୟକ୍ଷତି ହୋଇଛି। ଗତ ଗୋଟିଏ ସପ୍ତାହ ମଧ୍ୟରେ ବର୍ଷା ଜନିତ କାରଣ ପାଇଁ ଅରୁଣାଚଳ ପ୍ରଦେଶରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ବନ୍ୟା ଜଳ ଯୋଗୁ ଆସାମରେ ୪୫ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଅରୁଣାଚଳ ପ୍ରଦେଶରେ ସ୍ଥିତି ଅତ୍ୟନ୍ତ ବିପଜ୍ଜନକ ରହିଛି। ୧୨ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରମୁଖ ରାସ୍ତା ଗୁଡ଼ିକ ଭୂସ୍ଖଳନ ଯୋଗୁ ପୋତି ହୋଇଯିବାରୁ ଅନେକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

## ସିୟାଙ୍କ ଭାଇଙ୍କୁ ୧୦ କୋଟି ଟଙ୍କାର ନୋଟିସ୍ ପଠାଇଲେ ଆଇନଜୀବୀ

ପୁଣେ,୩୦।୬: ଲୋହାଗଡ଼ ଦୁର୍ଗ ହତ୍ୟା ମାମଲା ଏବେ ଆଉ ଏକ କୋର୍ଟ ରୁମ୍ ଲଢେଇରେ ପରିଣତ ହୋଇଛି । ଅଭିଯୁକ୍ତ ସିୟା ଗୋୟଲଙ୍କ ପ୍ରତିନିଧିତ୍ୱ କରିବାକୁ ନେଇ ଦୁଇଜଣ ଆଇନଜୀବୀଙ୍କ ମଧ୍ୟରେ ଚାଲିଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି । ଆଇନଜୀବୀ ଆଶୁତୋଷ ଶ୍ରୀବାସ୍ତବ, ସିୟାଙ୍କ ଭାଇ ସାହିଲ ଗୋୟଲଙ୍କ ବିରୋଧରେ ୧୦ କୋଟି ଟଙ୍କାର ମାନହାନି ନୋଟିସ୍ ଜାରି କରିଛନ୍ତି। ନ୍ୟୁଜ୍ ଏଜେନ୍ସି ଆଇଏଏନଏସକୁ ପ୍ରତିକ୍ରିୟା ଦେଇ ଶ୍ରୀବାସ୍ତବ କହିଛନ୍ତି, ସିଆ ଗୋୟଲଙ୍କ ପ୍ରତିନିଧିତ୍ୱ କରିବା ପାଇଁ ତାଙ୍କୁ ଅଧିକାର ଦେଇଥିବା ଦସ୍ତାବିଜ୍ ପୂର୍ବରୁ କୋର୍ଟରେ ଦାଖଲ କରାଯାଇଛି ଏବଂ ଏହା ନ୍ୟାୟିକ ରେକର୍ଡର ଅଂଶ । ଆଡଭୋକେଟ୍ ଶ୍ରୀବାସ୍ତବଙ୍କ ଦାବି ଯେ ସିୟା ଗୋୟଲ ଜଣେ ସାବାଳିକା ଏବଂ ସେ ନିଜ ଇଚ୍ଛାରେ ଜୁନ୍ ୨୫ରେ ଏକ ଓକିଲାତିନାମା ସ୍ୱାକ୍ଷର କରିଛନ୍ତି, ଯାହା ଅଦାଲତରେ ଦାଖଲ ଏବଂ ରେକର୍ଡଭୁକ୍ତ ହୋଇସାରିଛି । ସାହିଲ ଗୋୟଲଙ୍କୁ ପଠାଇଥିବା ୧୦ କୋଟି ଟଙ୍କାର ନୋଟିସ୍ ଉପରେ ସେ କହିଛନ୍ତି, ମିଥ୍ୟା ଅଭିଯୋଗ ଦ୍ୱାରା ଯଦି କୌଣସି ନାଗରିକଙ୍କ ସମ୍ମାନକୁ କ୍ଷତି ହୁଏ ତେବେ ସେମାନଙ୍କର ଆଇନଗତ ରାସ୍ତାର ଅଧିକାର ଅଛି । ସେ କହିଛନ୍ତି, 'ଯଦି କୌଣସି ବ୍ୟକ୍ତି ଅନୁଭବ କରନ୍ତି ଯେ ସେମାନଙ୍କର ପ୍ରତିଷ୍ଠା କ୍ଷତିଗ୍ରସ୍ତ ହୋଇଛି, ମିଥ୍ୟା ଗୁଜବ ପ୍ରସାରିତ ହୋଇଛି, କିମ୍ବା ସେମାନଙ୍କ ଛବିକୁ ମଳିନ କରିବାକୁ ଚେଷ୍ଟା କରାଯାଇଛି, ତେବେ ଆଇନଗତ ନୋଟିସ୍ ହେଉଛି ସେମାନଙ୍କର ଅଧିକାର ।

## ବିଜେପି ଭୋଟ ଭାଗ ଭାଗ କରିବାକୁ ରାହୁଲ ଓ ଅଖିଳେଶଙ୍କ ଯୋଜନା

ନୂଆଦିଲ୍ଲୀ,୩୦।୬: ନିର୍ବାଚନର ଆଗମନ ସହ ପୁଣି ଥରେ 'ୟୁପିର ଦୁଇ ପୁଅ' ବିଜୟର ସ୍ୱପ୍ନ ନେଇ ରଣକ୍ଷେତ୍ରକୁ ଓହ୍ଲାଇଛନ୍ତି। ସେମାନଙ୍କର ମୁକାବିଲା ସେହି ବିଜେପି ସହ, ଯିଏ ସାମାଜିକ ସମୀକରଣ (ସୋସିଆଲ୍ ଇଞ୍ଜିନିୟରିଂ)ର ବଳରେ ଲଗାତାର ଦୁଇଥର ବିରୋଧୀଙ୍କୁ ପରାସ୍ତ କରିଛି। ଏହି ପରିସ୍ଥିତିରେ ରାହୁଲ ଗାନ୍ଧୀ ଓ ଅଖିଳେଶ ଯାଦବ ନିଜ ରଣନୀତିରେ '୩୨-୨୧ ଫର୍ମୁଲା'କୁ ଆଗକୁ ଆଣିଛନ୍ତି। ଏହି ଫର୍ମୁଲାରେ ୩୨ର ଅର୍ଥ ହେଉଛି ସମାଜବାଦୀ ପାର୍ଟିର ବର୍ତ୍ତମାନର ଭୋଟ୍ ସେୟାର, ଆଉ ୨୧ର ଅର୍ଥ ହେଉଛି ଉତ୍ତର ପ୍ରଦେଶର ପ୍ରାୟ ୨୧ ପ୍ରତିଶତ ଦଳିତ ଜନସଂଖ୍ୟା। କଂଗ୍ରେସ ଓ ସପାର ରଣନୀତି ହେଉଛି, ଯଦି ଅଖିଳେଶ ଯାଦବ ନିଜର ପାରମ୍ପରିକ ଭୋଟ୍ ବ୍ୟାଙ୍କକୁ ଦୃଢ଼ ରଖିପାରନ୍ତି ଏବଂ ରାହୁଲ ଗାନ୍ଧୀ ଦଳିତ ଭୋଟରଙ୍କ ମଧ୍ୟରେ କଂଗ୍ରେସର ପୁରୁଣା ପ୍ରଭାବକୁ ଫେରାଇ ଆଣିପାରନ୍ତି, ତେବେ ବିଜେପିର ସବୁଠାରୁ ବଡ଼ ଶକ୍ତିକୁ ଚ୍ୟାଲେଞ୍ଜ କରାଯାଇପାରିବ।

## ନାପ୍ଥା ପାଇପଲାଇନରେ ଅଗ୍ନିକାଣ୍ଡ: ୨୦ରୁ ଅଧିକ ଆହତ

କୋଲକତା,୩୦।୬: ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲାର ହଳଦିଆରେ ଆଜି ସକାଳେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ହଳଦିଆ ପେଟ୍ରୋକେମିକାଲ୍ସ ଲିମିଟେଡ୍‌ର ନାପ୍ଥା ପାଇପଲାଇନରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଛି । ଦୁର୍ଘଟଣାରେ ୨୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି ।ଅଧିକାରୀମାନେ କହିଛନ୍ତି ଯେ, ରାତି ପ୍ରାୟ ୨.୪୫ ସମୟରେ ନିଆଁ ଲାଗିଥିବାର ଦେଖାଯାଇଥିଲା । ପରେ ନିଆଁ ହଳଦିଆ ମ୍ୟୁନିସିପାଲିଟିର ୧୩ ନମ୍ବର ୱାର୍ଡର ଚିରଞ୍ଜୀବପୁର ଅଞ୍ଚଳକୁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା ।

### ଏଫସିଆରଏ ୨.୦ ପୋର୍ଟାଲ ଏବଂ ଇ-ଓସିଆଇ କାର୍ଡର ଶୁଭାରମ୍ଭ

## ଅନିୟମିତଙ୍କ ପ୍ରତି ହେବ କଡ଼ା ଆଭିମୁଖ୍ୟ: ଶାହା



ନୂଆଦିଲ୍ଲୀ,୩୦।୬(ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ଏଫ୍.ସି.ଆରଏ.୨.୦ ପୋର୍ଟାଲ ଏବଂ ଇ-ଓ.ସି.ଆଇ. କାର୍ଡର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହ ସଚିବ, ବୈଦେଶିକ ସଚିବ, ଗୁଇନ୍ଦା ବ୍ୟୁରୋ (ଆଇବି) ର ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ନିଜଙ୍କ ଅଭିଭାଷଣରେ କହିଥିଲେ ଯେ, ଆଜି ଆରମ୍ଭ ହୋଇଥିବା ଉଭୟ ନୂତନ ପଦକ୍ଷେପ ନାଗରିକଙ୍କ ସୁବିଧା ବୃଦ୍ଧି କରିବାରେ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହେବ। ସେ କହିଛନ୍ତି ଯେ ଆଜି ଆରମ୍ଭ ହୋଇଥିବା ଏହି ଦୁଇଟି ପଦକ୍ଷେପ ନାଗରିକମାନଙ୍କ ପାଇଁ ସୁବିଧାଗୁଡ଼ିକୁ ବୃଦ୍ଧି କରିବ ଏବଂ ବିଶେଷ କରି ଏଫ୍.ସି.ଆରଏ. ପୋର୍ଟାଲ ମାଧ୍ୟମରେ ଦାନ ଗ୍ରହଣ କରୁଥିବା ଲୋକମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକର ସମାଧାନ କରିବ। ସେ ସ୍ମରଣ କରାଇଦେଲେ ଯେ ୨୦୧୪ରେ ଯେତେବେଳେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇଥିଲେ, ସେତେବେଳେ ସେ କହିଥିଲେ ଯେ ଆମ ସରକାର 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ' ନୀତି ଉପରେ କାର୍ଯ୍ୟ କରିବ। ଶ୍ରୀ ଶାହ ଆହୁରି କହିଥିଲେ ଯେ ଯେତେବେଳେ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଥାଏ, ନୀତି ସ୍ୱଚ୍ଛ ହୋଇଥାଏ, ଏବଂ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାର ମାନସିକତା ରହିଥାଏ, ସେତେବେଳେ ସଚ୍ଚୋଟ ଲୋକଙ୍କ ପାଇଁ ସମସ୍ତ ପ୍ରକାରର ଶାସନ ଅତ୍ୟନ୍ତ ସହଜ ହୋଇଯାଏ, ଅପରାଧୀଙ୍କ ପାଇଁ ଏକ କଠୋର ତଦାରଖ ବ୍ୟବସ୍ଥା ସ୍ଥାପନ କରାଯାଇଥାଏ ଏବଂ ଦେଶକୁ ଅଧିକରୁ ଅଧିକ ସୁରକ୍ଷିତ କରାଯାଇପାରିବ।

### ଭାରତକୁ ପୁଣି ଧମକ ଦେଲା ପାକ୍

## ଆମ ଭାଗର ପାଣି ଅଟକାଇଲେ ସିଧା ହାତ କାଟିଦେବୁ

ଇସ୍‌ଲାମାବାଦ,୩୦।୬: ସିନ୍ଧୁ ଜଳ ଚୁକ୍ତିନାମାକୁ ନେଇ ପାକିସ୍ତାନ ପୁଣି ଥରେ ଭାରତକୁ ଧମକ ଦେଇଛି। ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ୍ ମଲିକ କହିଛନ୍ତି, 'ଯଦି କେହି ପାକିସ୍ତାନ ଭାଗର ପାଣିକୁ ଅଟକାଇବାକୁ ଚେଷ୍ଟା କରିବ ତେବେ ଆମେ ତାଙ୍କ ହାତ କାଟି ଦେବୁ।' ଏହି ଧମକ ସହ ଭାରତ ପାକିସ୍ତାନ ଭାଗର ପାଣିକୁ ଅଟକାଇବାକୁ ଚାହୁଁଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନା ମନ୍ତ୍ରୀ ଆତାଉଲ୍ଲାହ ତାରାରଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୁସାଦିକ୍ ମଲିକ କହିଛନ୍ତି "ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ହାତରେ ଏକ ନଳକୂପ ଧରିଛନ୍ତି। ଏବଂ ସେ କହୁଛନ୍ତି ଯେ ସେ ପାକିସ୍ତାନକୁ ପାଣିର ଗୋଟିଏ ବି ବୁନ୍ଦା ବହିଯିବାକୁ ଦିଆଯିବ ନାହିଁ। ଯେଉଁମାନେ ଆମ ଭାଗର ପାଣି ଉପରେ ଭାଗ ବସାଇବେ ସେମାନଙ୍କର ହାତ କାଟି ଦିଆଯିବ।"ସେପଟେ ପାକିସ୍ତାନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଆତାଉଲ୍ଲାହ ତାରାର କହିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତିନାମା ଏବେ ବି ଆଇନଗତ ଭାବରେ ବଳବତ୍ତର ରହିଛି। ତେଣୁ ଭାରତ ଏକପାଖିଆ ଭାବରେ ଏହାକୁ ସ୍ଥଗିତ, ବାତିଲ କିମ୍ବା ସଂଶୋଧନ କରିପାରିବ ନାହିଁ।

### ବିଶାଳ ସମାବେଶରେ ଶେହବାଜ ପ୍ରଶାସନକୁ ଲୋକଙ୍କ ଚ୍ୟାଲେଞ୍ଜ

# ପିଓକେ ପାକିସ୍ତାନର ନୁହେଁ, ଭାରତରେ ମିଶିଯିବୁ

ନୂଆଦିଲ୍ଲୀ,୩୦।୬: ପାକିସ୍ତାନ ଅଧିକୃତ ଜାମ୍ମୁ-କାଶ୍ମୀର (ପିଓକେ)ରେ ଚାଲିଥିବା ଜନ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ପ୍ରଦର୍ଶନକାରୀ ପାକିସ୍ତାନ ସରକାରଙ୍କୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି, "ଏହି ଅଞ୍ଚଳ ପାକିସ୍ତାନର ନୁହେଁ ।" ଆବଶ୍ୟକ ସ୍ଥଳେ ଏହି ପୂରା ଅଞ୍ଚଳ ଭାରତ ଆଡ଼କୁ ଢ଼ଳିବ । ପ୍ରଦର୍ଶନକାରୀଙ୍କ ମନୋବଳ ଭାଙ୍ଗିବା ପାଇଁ ପାକିସ୍ତାନ ସରକାର ସବୁ କଳ ବଳ ଲଗାଇଛି । ରିପୋର୍ଟ ଅନୁସାରେ ନାଗରିକ ଅଧିକାର କର୍ମୀ ସର୍ଦ୍ଦାର ଅମାନ ଖାନଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ମଧ୍ୟରେ ଏହି ପ୍ରଦର୍ଶନ କରାଯାଇଛି। ପାକିସ୍ତାନୀ କର୍ତ୍ତୃପକ୍ଷ ଜରୁରି ଖାଦ୍ୟ ଯୋଗାଣ ଏବଂ ରାସନ ଉପରେ ଦୁଇ ସପ୍ତାହ ପାଇଁ ରୋକ ଲଗାଇବା ପରେ ଆନ୍ଦୋଳନ ଜୋର ଧରିଥିଲା, ଯାହା ଫଳରେ ବ୍ୟାପକ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା। ହଜାର ହଜାର ସମର୍ଥକଙ୍କୁ ସମ୍ବୋଧନ କରି ଅମାନ ଖାନ ଏକ କଡ଼ା ବାର୍ତ୍ତା ଦେଇଛନ୍ତି। କହିଛନ୍ତି, 'ପିଓକେ ପାକିସ୍ତାନର ଏକ ଅଂଶ ନୁହେଁ । ଆମକୁ ପାକିସ୍ତାନର ଆବଶ୍ୟକତା ନାହିଁ ବରଂ ପାକିସ୍ତାନକୁ ପିଓକେର ଆବଶ୍ୟକତା ଅଛି ।' ଖାନ କହିଥିଲେ ଯେ ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରହେ, ତେବେ ଅଞ୍ଚଳବାସୀ ଭାରତ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବେ । ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଦଖଲ କରାଯାଇଥିବା ଏହି ଅଞ୍ଚଳରେ ଇସଲାମାବାଦର ଶାସନ ପ୍ରତି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବଢୁଥିବା ତୀବ୍ର ଅସନ୍ତୋଷକୁ ଏହି



ସମାବେଶ ପୁଣି ଥରେ ସାମ୍ନାକୁ ଆଣିଛି। ଏହି ରାଲିରେ ସୁଶାସନ, ଅର୍ଥନୈତିକ ବିକାଶ ଏବଂ ପ୍ରଶାସନିକ ନିୟନ୍ତ୍ରଣ ସହ ଜଡ଼ିତ ଦୀର୍ଘଦିନର ସମସ୍ୟା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହା ସହିତ ସ୍ଥାନୀୟ ପ୍ରଦର୍ଶନକାରୀ ଓ ନେତାମାନେ ଚେତାବନୀ ଦେଇଛନ୍ତି ଯେ ଯଦି ସେମାନଙ୍କର ଅଧିକାର ପ୍ରଦାନ କରାନଯାଏ, ତେବେ ସେମାନଙ୍କର ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭାବେ ଭାରତ ଆଡ଼କୁ ବଦଳିପାରେ। ଉଲ୍ଲେଖଯୋଗ୍ୟ ଯେ ଇସଲାମାବାଦ ପ୍ରଶାସନର ଦମନ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ପ୍ରଶାସନିକ ଅବହେଳାକୁ ବିରୋଧୀ କରି ଏହି ଆନ୍ଦୋଳନ ଚାଲିଛି । ତିନି ସପ୍ତାହରୁ ଅଧିକ ସମୟ ଧରି, ପ୍ରଦର୍ଶନକାରୀମାନେ ରାୱାଲାକୋଟ ପ୍ରତିବାଦ ସ୍ଥଳରେ ଧାରଣା ଦେଉଛନ୍ତି । ପାକିସ୍ତାନ ନିୟନ୍ତ୍ରଣରୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପାଇଁ ସେମାନେ ଡକରା ଦେଉଛନ୍ତି ।

### ଏକତରଫା ପ୍ରେମକୁ ନେଇ ଡବଲ ମର୍ଡର

# ଚିକିତ୍ସାଧୀନ ଅବସ୍ଥାରେ ପିତା ହିମାଂଶୁଙ୍କ ମୃତ୍ୟୁ

- ଗୁରୁତର ଅବସ୍ଥାରେ ଝିଅ ଏବେବି ଏମ୍ସରେ ଚିକିତ୍ସିତ
- ହତ୍ୟାକାରୀ ଦୁଇ ନାବାଳକକୁ କାବୁ କଲା ପୋଲିସ
- ମୃତ କୃଷ୍ଣ ପାର୍କରେ ଭାଇଗିରି ଦେଖାଇ ମାଡ ମାରିଥିଲେ: ପୋଲିସ୍ କମିଶନର

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଅଞ୍ଚଳରେ ଘଟିଥିବା ବୀଭତ୍ସ ଆକ୍ରମଣ ଘଟଣାରେ ମୃତ୍ୟୁ ସଂଖ୍ୟା ଦୁଇକୁ ବୃଦ୍ଧି ପାଇଛି । ଆକ୍ରମଣରେ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ହିମାଂଶୁ ପାଢ଼ୀ (୫୪) ମଙ୍ଗଳବାର ମୃତ୍ୟୁବରଣ କରିଛନ୍ତି । ଏହା ପୂର୍ବରୁ ତାଙ୍କ ପୁଅ କୃଷ୍ଣ ପ୍ରସାଦ ପାଢ଼ୀଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ଆହତ ହୋଇଥିବା କୃଷ୍ଣଙ୍କ ଭଉଣୀ ତପସ୍ୱୀ ପାଢ଼ୀ ବର୍ତ୍ତମାନ ମଧ୍ୟ ଚିକିତ୍ସାଧୀନ ଅଛନ୍ତି । ପୋଲିସ ତଦନ୍ତରେ ଏହି ହତ୍ୟାକାଣ୍ଡ ପଛରେ ଏକ ପୁରୁଣା ବିବାଦ ଏବଂ ଜଣେ ଛାତ୍ରୀଙ୍କୁ ନେଇ ଉତ୍ପନ୍ନ ମତଭେଦ ଥିବା ସୂଚନା ମିଳିଛି । ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହଙ୍କ ସୂଚନା ଅନୁସାରେ, ଏହି ମାମଲାରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଦୁଇ ଛାତ୍ରଙ୍କୁ ଅଟକ ରଖାଯାଇଛି । ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରାଯିବ । ତଦନ୍ତରୁ ଜଣାପଡ଼ିଛି ଯେ, ମୃତକ କୃଷ୍ଣ ପ୍ରସାଦ ପାଢ଼ୀ ବିଏସ୍‌ସି ଦ୍ୱିତୀୟ ବର୍ଷର ଛାତ୍ର ଥିଲେ । ତାଙ୍କ ବିରୋଧରେ ଜଣେ ସହପାଠୀ ଛାତ୍ରୀଙ୍କୁ ହଇରାଣ କରୁଥିବା ଅଭିଯୋଗ ରହିଥିଲା । ଏହାକୁ କେନ୍ଦ୍ର କରି ପ୍ରାୟ ଏକ ବର୍ଷ ଧରି ବିବାଦ ଚାଲିଥିଲା ବୋଲି ପୋଲିସ କହିଛି । ପୋଲିସର ସୂଚନା ଅନୁସାରେ, ଅଭିଯୁକ୍ତମାନେ ପୂର୍ବରୁ ଯୋଜନା କରି ମୁହଁରେ ମୁଖା ପିନ୍ଧି, ଲଙ୍କାଗୁଣ୍ଡ ଓ ଲୁହା ରଡ୍ ଧରି କୃଷ୍ଣଙ୍କ ଘରକୁ ଯାଇଥିଲେ ଏବଂ ସେଠାରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିବାବେଳେ, ବାପା ହିମାଂଶୁ ପାଢ଼ୀ ଗୁରୁତର ଆହତ ହୋଇ ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ । ଅଟକ ଦୁଇ ନାବାଳକଙ୍କର ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନଥିଲା । ତେବେ ଏହି ଘଟଣାଟି ପୂର୍ବ ଯୋଜନାବଦ୍ଧ ଆକ୍ରମଣ ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି । ପୋଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି । ସେପଟେ ଧରାପଡ଼ିଥିବା ଦୁଇ ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ଘଟଣା ସମ୍ପର୍କରେ ଜେରା କରୁଛି । ପ୍ରେମ ପାଇଁ ଡବଲ ମର୍ଡର ହୋଇଥିବା ଅଭିଯୋଗ ହୋଇଛି । ମୃତକ କୃଷ୍ଣ ପ୍ରସାଦ ପାଢ଼ୀ ବିଏସସି ଦ୍ୱିତୀୟ ବର୍ଷର ଛାତ୍ର ଥିବା ବେଳେ ସେ ଜଣେ ସହପାଠୀ ଛାତ୍ରୀଙ୍କୁ ହଇରାଣ କରୁଥିବା ଅଭିଯୋଗ ରହିଥିଲା । ଏହାକୁ କେନ୍ଦ୍ର କରି ପ୍ରାୟ ଏକ ବର୍ଷ ଧରି ବିବାଦ ଚାଲିଥିଲା । କିଛି ଦିନ ପୂର୍ବେ ମୃତ କୃଷ୍ଣ ହତ୍ୟାକାରୀ ଦୁଇ ନାବାଳକଙ୍କୁ ସ୍ଥାନୀୟ ଏକ ପାର୍କକୁ ଡାକିଥିଲେ । ସେଠାରେ କୃଷ୍ଣ ଦୁଇ ନାବାଳକଙ୍କ କଲର ଧରି ମାଡ ମାରିବା ସହ ସେ ବୟସରେ ବଡ ହେବେ ଭାଇ ହିସାବରେ ଯାହା ଚାହିଁବେ, ସେଇୟା କରିବେ ବୋଲି ଧମକ ମଧ୍ୟ ଦେଇଥିଲେ । ସେହି ଦିନଠାରୁ ଉଭୟ ନାବାଳକ କୃଷ୍ଣକୁ ହତ୍ୟା କରିବାକୁ ଯୋଜନା କରିଥିଲେ । ସୂଚନାଯୋଗ୍ୟ, ରବିବାର ରାତିରେ ଶୋଇଥିବା ବେଳେ କୃଷ୍ଣ ପାଢୀଙ୍କୁ ଦୁଇ ମୁଖା ପିନ୍ଧା ଦୁର୍ବୃତ୍ତ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ଦୁଇ ଦୁର୍ବୃତ୍ତ କୃଷ୍ଣଙ୍କ ଘରେ ପଶି ଲୁହା ରଡରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିବାବେଳେ ଆକ୍ରମଣରେ କୃଷ୍ଣଙ୍କ ମୃତ୍ୟୁ ହୋଇଥିଲା ଓ ପିତା ହିମାଂଶୁ ଏବଂ ଭଉଣୀ ଗୁରୁତର ହୋଇ ଭୁବନେଶ୍ୱର ଏମସରେ ଭର୍ତ୍ତି ହୋଇଥିଲେ । ଏବେ ମୃତ କୃଷ୍ଣଙ୍କ ବାପା ହିମାଂଶୁଙ୍କର ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟ ହୋଇଛି । ମୃତ କୃଷ୍ଣଙ୍କ ଘର ଗଞ୍ଜାମ ଜିଲ୍ଲା ସୋରଡ଼ା ଅଞ୍ଚଳରେ । ତାଙ୍କ ପରିବାର ପ୍ରାୟ ୨୦ ବର୍ଷ ଧରି କୋଳଥିଆରେ ଅଞ୍ଚଳରେ ରହୁଥିଲେ । କାହା ସହ ସେମାନଙ୍କର ପୂର୍ବ ଶତ୍ରୁତା ନଥିଲା ବୋଲି ପରିବାର ଲୋକ କହିଛନ୍ତି । ଅପରପକ୍ଷେ ସମସ୍ତ ଦିଗକୁ ଆଧାର କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

### ପରିବହନ ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ

## ୯୫ ଚାଲାଣ, ୯.୮୫ ଲକ୍ଷରୁ ଅଧିକ ଜରିମାନା



ପୁରୀ(ନିପ୍ର): ପବିତ୍ର ସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଯାତ୍ରାକୁ ସୁରକ୍ଷିତ, ସୁଗମ ଏବଂ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ପରିବହନ ବିଭାଗ ପକ୍ଷରୁ ପୁରୀକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ରାସ୍ତା ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଯାନବାହନ ଯାଞ୍ଚ ଅଭିଯାନ କରାଯାଇଛି । ଏହି ଅଭିଯାନରେ ପରିବହନ ବିଭାଗର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ମୋଟରଯାନ ଆଇନ ଉଲ୍ଲଂଘନ କରୁଥିବା ଯାନବାହନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମୋଟ ୯୫ଟି ଚାଲାଣ କଟାଯାଇ ୯,୮୫,୯୧୫ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି । ଅତ୍ୟଧିକ ଯାତ୍ରୀ ପରିବହନ, ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଭଡ଼ା ଆଦାୟ, ବିନା ଲାଇସେନ୍ସ କିମ୍ବା ବୈଧ କାଗଜପତ୍ରରେ ଯାନ ଚଳାଚଳ ଏବଂ ମୋଟରଯାନ ଆଇନର ଅନ୍ୟାନ୍ୟ ଉଲ୍ଲଂଘନ ବିରୋଧରେ ଏହି କଡ଼ା ପ୍ରବର୍ତ୍ତନ କରାଯାଇଛି । ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଯାତାୟାତକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏଭଳି ଯାଞ୍ଚ ଓ ପ୍ରବର୍ତ୍ତନ କାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।

## ୩ ହାଇୱା ବେଆଇନ ବାଲି ଗାଡି ଜବତ

ପିପିଲି(ନିପ୍ର): ଗୁଡ଼ିଆପୋଖରୀଠାରୁ ପିପିଲି ଅଭିମୁଖେ ଯାଉଥିବା ତିନୋଟି ହାଇୱା ଟ୍ରକ୍ ଦ୍ୱାରା ବେଆଇନ ବାଲି ପରିବହନ ହେଉଥିବା ବେଳେ ପିପିଲି ଥାନାର ଏସଆଇ ବାବୁ ପ୍ରିୟଦର୍ଶିନୀ ସାହୁ ଖବରପାଇ ଜବତ କରିଛନ୍ତି । ଏସଆଇ ଏବଂ କର୍ମଚାରୀମାନେ ଏନଏଚ୍-୩୧୬ରେ ଗୁଡ଼ିଆପୋଖରୀ ନିକଟରେ ଯାନବାହାନ ଯାଞ୍ଚ କରିଥିଲେ ଏବଂ କିଛି ସମୟ ପରେ ହାଇୱା ନଂ. ଓଡ଼ି୧୩କ୍ୟୁ୪୧୯୯, ହାଇୱା ନଂ.ଓଡି ୦୧ଜେଡ୍୧୦୧୩ ଏବଂ ହାଇୱା ନଂ. ଓଡି୧୧ଏଲ୍ ୮୫୨୭ ଉକ୍ତ ରାସ୍ତାରେ ଆସିଥିଲା । ପୋଲିସ ଗାଡ଼ିଗୁଡ଼ିକୁ ଅଟକାଇ ଜାଣିବାକୁ ପାଇଥିଲେ ତିନୋଟି ହାଇୱା ଉତ୍ତରା ପାର୍ଶ୍ୱରୁ ପିପିଲି ଆଡକୁ ମାଇନର ମିନେରାଲ୍ (ବାଲି) ବୋଝେଇ କରି ଆସୁଛି । ହାଇୱାଗୁଡ଼ିକ ପୋଲିସ ଦଳକୁ ଦେଖି ଘଟଣାସ୍ଥଳରୁ ପଳାଇ ଯାଇଥିଲେ ଏବଂ ହାଇୱାଗୁଡ଼ିକୁ ସେଠାରେ ଛାଡି ଦିଆଯାଇଥିଲା । କିଛି ସମୟ ପରେ ପୋଲିସ ସ୍ଥାନୀୟ ଲୋକଙ୍କୁ ଏହି ପରିବହନ ବିଷୟରେ ପଚାରି ସେମାନେ କହିଥିଲେ ଏହି ରାସ୍ତାରେ ପ୍ରତିଦିନ ବେଆଇନ ମାଇନର ମିନେରାଲ୍ ପରିବହନ ଅହରହ ହେଉଛି । ପୋଲିସ କର୍ମଚାରୀମାନେ କିଛି ସମୟ ଅପେକ୍ଷା କରି ଉକ୍ତ ହାଇୱା ଦ୍ୱାରା ଲୋଡ୍ ମାଇନର ମିନେରାଲ୍ (ବାଲି) ଏବଂ ଏହାର ପରିବହନ ପାଇଁ କୌଣସି ଲାଇସେନ୍ସ କିମ୍ବା ସମ୍ପୃକ୍ତ କାଗଜପତ୍ର ଦେଖାଇବାକୁ ଆସିନଥିଲେ । ଡ୍ରାଇଭର ଏବଂ ମାଲିକ ଉଭୟ ମାଇନର ମିନେରାଲ୍ (ବାଲି) ଅବୈଧ କାରବାରରେ ସମ୍ପୃକ୍ତ ଥିବା ଜାଣି ହାଇୱାଗୁଡିକୁ ଥାନାକୁ ଅଣାଯାଇଥିଲା । ଏନେଇ ପିପିଲି ଥାନା କେସ ନଂ ୪୨୦/୨୬ ମାମଲା ଆଗତ କରାଯାଇଛି ।

### ପ୍ରେମଜନିତ ହତ୍ୟାକାଣ୍ଡ

## ପ୍ରେମିକାକୁ ଆଜୀବନ କାରାଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର): ଏକତରଫା ପ୍ରେମରୁ ଜଣେ ମହିଳାଙ୍କ ଗଳା କାଟି ହତ୍ୟା ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି । ଏହି ମାମଲାର ବିଚାରକରି ଦ୍ୱିତୀୟ ଅତିରିକ୍ତ ସେସନ ଜଜ କୋର୍ଟର ବିଚାରପତି ବନ୍ଦନା କର ଅଭିଯୁକ୍ତ ଜଗନ୍ନାଥ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫ ହଜାର ଜରିମାନା ଦଣ୍ଡ ଶୁଣାଇଛନ୍ତି । ସୂଚନାଥାଉ କି, ଭୀମଟାଙ୍ଗୀରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ହୋଇଛି । ୨୦୨୧ ଜୁଲାଇ ମାସରେ ଭୁବନେଶ୍ୱରର ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନିରେ ପ୍ରିୟଙ୍କାଙ୍କୁ ପ୍ରେମିକ ଜଗନ୍ନାଥ ପ୍ରଧାନ ବୀଭତ୍ସ ହତ୍ୟା କରିଥିଲା । ଯାହା ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏକ ଏକତରଫା ପ୍ରେମକୁ ନେଇ ପୂର୍ବ ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡ ଘଟିଥିଲା । ଏ ମାମଲାରେ କୋର୍ଟ ଏହି ରାୟ ଶୁଣାଇଛନ୍ତି । ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ପୂର୍ବରୁ ବିବାହିତ ଥିଲେ । ନିଜ ସ୍ୱାମୀ ଏବଂ ୩ ବର୍ଷର ପୁଅ ସହ ଭୀମଟାଙ୍ଗୀରେ ରହୁଥିଲେ । ଜଗନ୍ନାଥଙ୍କ ଘର ଯାଜପୁର ଅଞ୍ଚଳରେ ହୋଇଥିବାବେଳେ ସେ ପ୍ରିୟଙ୍କାଙ୍କୁ ପୂର୍ବରୁ ଜାଣିଥିଲେ ଏବଂ ଏକତରଫା ଭଲ ପାଉଥିଲେ । ଅଭିଯୁକ୍ତ ହତ୍ୟାକାଣ୍ଡର ପ୍ରାୟ ୪ଦିନ ପୂର୍ବରୁ ହିଁ ଯୋଜନା ପ୍ରସ୍ତୁତ କରିଥିଲା । ଘଟଣା ଦିନ ସକାଳ ପ୍ରାୟ ୯ଟା ସମୟରେ, ଯେତେବେଳେ ପ୍ରିୟଙ୍କାଙ୍କ ସ୍ୱାମୀ ଅଫିସ ଯାଇଥିଲେ, ସେ ସୁଯୋଗ ଦେଖି ଛୁରୀ ଏବଂ ବିଷ ଧରି ପ୍ରିୟଙ୍କାଙ୍କ ଘରେ ପଶିଥିଲା । ଜଗନ୍ନାଥ ପ୍ରିୟଙ୍କାଙ୍କୁ ନିଜ ସହ ଫେରାର ହୋଇଯିବାକୁ ଏବଂ ବିବାହ କରିବାକୁ ବାଧ କରିଥିଲା । କିନ୍ତୁ ପ୍ରିୟଙ୍କା ସଫା ସଫା ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଓ ଧସ୍ତାଧସ୍ତି ହୋଇଥିଲା । ରାଗ ଜର୍ଜରିତ ହୋଇ ଜଗନ୍ନାଥ ଛୁରୀରେ ପ୍ରିୟଙ୍କାଙ୍କ ବେକ କାଟି ନିର୍ମମ ଭାବେ ହତ୍ୟା କରିଥିଲା । ସେହି ସମୟରେ ପ୍ରିୟଙ୍କାଙ୍କ ୩ ବର୍ଷର ପୁଅ ଘର ଭିତରେ ଶୋଇଥିବାରୁ ବଞ୍ଚି ଯାଇଥିଲା । ମାମଲାକୁ ସରକାରଙ୍କ ପକ୍ଷରୁ ସାଇ ରଞ୍ଜନ ମହାନନ୍ଦିଆ ପରିଚାଳନା କରିଥିଲେ ।

## ଅଟୋ ସହ ଟ୍ରକ୍ ମୁହାଁମୁହିଁ ଧକ୍କା: ଦୁର୍ଘଟଣାରେ ଛିଣ୍ଡିଲା ହାତ

ଆସିକା(ନିପ୍ର): ଧରାକୋଟ ଥାନା ରେଡ୍ଡି ଦାମୋଦର ପଲ୍ଲୀ ଛକଠାରେ ଯାତ୍ରୀବାହି ଅଟୋ ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ପାଞ୍ଚ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ମାନେ ହେଲେ ଅଟୋ ଚାଳକ ୫୮ବର୍ଷୀୟ ବିଦ୍ୟାଧର ଲେଙ୍କାଙ୍କ ସହ ୪୨ ବର୍ଷୀୟ ସୋମ ନାଥ ନାୟକ,୧୮ ବର୍ଷୀୟା ସୁପ୍ରିୟା ପଟ୍ଟନାୟକ, ୪୫ ବର୍ଷୀୟା ଛବିତା ପଟ୍ଟନାୟକ, ୫୦ ବର୍ଷୀୟା ମାମାଲି ପଟ୍ଟନାୟକ ଓ ୫୮ ବର୍ଷୀୟା ହରିହର ପଟ୍ଟନାୟକ । ଗୁରୁତରମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଥାଉକି ଗୋଟିଏ ପରିବାରର ଚାରିଜଣ ତୀର୍ଥ ଯାତ୍ରା ସାରି ଓଡ଼ି ୦୨ଟି ୪୭୮୬ ନମ୍ବର ବିଶିଷ୍ଟ ଏକ ଯାତ୍ରୀବାହୀ ଅଟୋ ସାହାଯ୍ୟରେ ବ୍ରହ୍ମପୁର ଗୌତମ ନଗରରୁ ସୋରଡ଼ା ନୂଆଁଗଡ଼ ଯାଉଥିବା ସମୟରେ ଅପରପଟରୁ ଆସୁଥିବା ଡବ୍ଲ୍ୟୁବି ୩୩ଏଫ୧୨୧୫ ନମ୍ବର ଏକ ଦ୍ରୁତଗାମୀ ଟ୍ରକ ସହ ରେଡ୍ଡି ଦାମୋଦର ପଲ୍ଲୀ ଛକ ନିକଟ ବୁଲାଣିଠାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ଦୁଇଜଣଙ୍କ ହାତ ଛିଣ୍ଡି ରାସ୍ତାରେ ପଡିଯାଇଥିଲା । ଘଟଣା ସ୍ଥଳରେ ପରିବାରର ଚାରି ଜଣ ଓ ଦୁଇ ଅଟୋ ଚାଳକ ଗୁରୁତର ହୋଇଥିଲେ । ଗୁରୁତରମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ବେଳେ ପ୍ରଥମେ ଆସିକା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଧରାକୋଟ ପୋଲିସ ପହଂଚି ଦୁର୍ଘଟଣାଗ୍ରସ୍ତ ଅଟୋ ଓ ଟ୍ରକକୁ ଜବତ କରି ଘଟଣାର ତଦନ୍ତ କରୁଛି । ପ୍ରକାଶ ଥାଉକି ଯେଉଁ ସ୍ଥାନଟିରେ ଦୁର୍ଘଟଣା ଘଟିଛି ଉକ୍ତ ସ୍ଥାନଟି ସମ୍ପୂର୍ଣ୍ଣ ତୀକ୍ଷ୍ଣ ବୁଲାଣି ରହିଛି । ଫଳରେ ଅପରପଟରୁ ଆସୁଥିବା ଯାନବାହାନ ଠିକ୍ ଭାବେ ଦେଖାଯାଉନାହିଁ । ବାରମ୍ବାର ଜାତୀୟ ରାଜପଥ ବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଫଳରେ ଆଜି ଏହିଭଳି ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି । ତୁରନ୍ତ ଏହି ବୁଲାଣି ରାସ୍ତାକୁ ସିଧା କରିବା ଦିଗରେ ପଦକ୍ଷପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ପୁଲିସ୍ ଏସ୍‌ଆଇ ପରୀକ୍ଷା କେବେ ?

- ସରକାରଙ୍କୁ ୨୪ ଘଣ୍ଟାର ମହଲତ ଦେଲେ ଆଶାୟୀ
- ଅନ୍ୟଥା ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନ୍ ନେତୃତ୍ୱରେ ହେବ ଦୁର୍ବାର ଆନ୍ଦୋଳନ

ଭୁବନେଶ୍ୱର(ନି.ପ୍ର) : ଦୀର୍ଘ ଦେଢ ବର୍ଷ ହେଲା ପୋଲିସ ଏସ୍‌ଆଇ ପରୀକ୍ଷା ହେଉନି । ରାଜ୍ୟର ଲକ୍ଷାଧିକ ପରୀକ୍ଷାର୍ଥୀ ପରୀକ୍ଷା ଅପେକ୍ଷାରେ ରହିଥିବାବେଳେ ସରକାର ସେମାନଙ୍କ ଭବିଷ୍ୟତ ସହ ଖେଳୁଛନ୍ତି । ସରକାର ୨୪ ଘଣ୍ଟା ମଧ୍ୟରେ ପରୀକ୍ଷା ପାଇଁ ନିଷ୍ପତ୍ତି ନ ନେଲେ ଆସନ୍ତାକାଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓଡିଶା ୟୁନିଫର୍ମ ସେବା ଷ୍ଟାଫ୍ ସିଲେକ୍ସନ କମିସନ୍ (ଓୟୁଏସ୍‌ଏସ୍‌ଏସ୍‌ସି) କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଆଶାୟୀମାନେ ସରକାରଙ୍କୁ କଡା ଚେତାବନୀ ଦେଇଛନ୍ତି । ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ନେତୃତ୍ୱରେ ଏକତ୍ରିତ ହୋଇ ନିର୍ଣ୍ଣାୟକ ଲଢେଇ ଲଢିବେ ବୋଲି ଚରମବାଣୀ ଶୁଣାଇଛନ୍ତି । ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ପ୍ରାୟ ହଜାରେ ପୋଲିସ ଏସ୍‌ଆଇ ନିଯୁକ୍ତି ପାଇଁ ୨୦୨୫ ଜାନୁଆରୀ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଚାକିରି ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ଚାକିରି ବିକ୍ରି ଗ୍ୟାଙ୍ଗ ଧରାପଡିଥିଲା । ବଡବଡିଆଙ୍କ ସମ୍ପୃକ୍ତି ଅଭିଯୋଗ ହେବା ପରେ ସିବିଆଇ ତଦନ୍ତ ଭାର ନେଇଛି । ମାତ୍ର ଏହା ମଧ୍ୟ ଶିଥିଳ ପଡିଛି । ସିବିଆଇ କାହାକୁ ବାନ୍ଧି ପାରୁ ନ ଥିବା ବେଳେ ପ୍ରାୟ ଦେଢ ବର୍ଷ ହେବ ସରକାର ପରୀକ୍ଷା ମଧ୍ୟ କରି ପାରୁନାହାନ୍ତି । ଫଳରେ ପ୍ରାୟ ୧ଲକ୍ଷ ୫୬ ହଜାର ଆଶାୟୀ ଅନିଶ୍ଚିତତାରେ କାଳାତିପାତ କରୁଛନ୍ତି । ଅପରପକ୍ଷରେ ଏହି ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ଝିଅ ମାନଙ୍କ ଉପରେ ବିଶେଷ ଭାବେ ପ୍ରଭାବ ପକାଇଛି । ଦୀର୍ଘ ଦିନ ପ୍ରସ୍ତୁତି କରୁଥିବା ଝିଅଙ୍କ ପରିବାର ପକ୍ଷରୁ ଚାକିରି ବାହାରୁ ନ ଥିବାରୁ ନିରାଶ ହୋଇ ତାଙ୍କୁ ବାହାଘର କରିବାକୁ ଚାପ ପକାଉଛନ୍ତି । ଝିଅମାନେ ଦୀର୍ଘ ସମୟ ଧରି ଶାରୀରିକ ପରିଶ୍ରମ କରିବା ଅତ୍ୟନ୍ତ କଷ୍ଟକର ହୋଇଛି । ଏଣୁ ସରକାର ରାଜ୍ୟର ମେଧାବୀଙ୍କ ପ୍ରତି ସମ୍ବେଦନଶୀଳ ହୋଇ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରନ୍ତୁ । ସେହିପରି ଆଉଜଣେ ଆଶାୟୀ କହିଛନ୍ତି ଯେ, ଓପିଆର୍‌ବି ପରୀକ୍ଷା ପରିଚାଳନା କରୁଥିବାବେଳେ ଚାକିରି ବିକ୍ରି ହେଉଥିଲା । ଏଥିପାଇଁ ସରକାର ତାକୁ ଭାଙ୍ଗିବା ସହ ଓୟୁଏସ୍‌ଏସ୍‌ଏସ୍‌ସି ଗଠନ କରିଛନ୍ତି । ଓୟୁଏସ୍‌ଏସ୍‌ଏସ୍‌ସିର ଅଧକ୍ଷଙ୍କ ଠାରୁ ଆରମ୍ଭ କରି ସମ୍ପାଦକ ଓ ସମସ୍ତ ପଦ ମଧ୍ୟ ପୂରଣ ହୋଇ ସାରିଛି । ତାହେଲେ ବୋର୍ଡ ପରୀକ୍ଷା ତାରିଖ ଦେବାରେ ଏଯାଏଁ କାହିଁକି ସମର୍ଥ ହେଉନି ବୋଲି ସେ ପ୍ରଶ୍ନ କରିଛନ୍ତି । ସାଧାରଣ ଲୋକଙ୍କ ଟାକ୍ସରେ ଦରମା ପାଉଥିବା ବାବୁମାନେ ନିଦରୁ ଉଠି ତୁରନ୍ତ ପରୀକ୍ଷା କରିବା ପାଇଁ ପଦକ୍ଷେପ ନିଅନ୍ତୁ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସରକାର ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନ ନେଲେ ଆସନ୍ତାକାଲି ଅର୍ଥାତ୍ ବୁଧବାର ଓୟୁଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ଆଶାୟୀ ଉପସ୍ଥିତ ଥିଲେ ।

## ୮ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ଜଣେ ଗିରଫ



ଜଟଣୀ: ଜଟଣୀ ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ମୁଣ୍ଡିଆସାହି ଅଞ୍ଚଳର ମଙ୍ଗଳା ମନ୍ଦିର ନିକଟରେ ବେଆଇନ ବ୍ରାଉନ ସୁଗାର ବିକ୍ରି ବାବଦରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଜଣେ ନିଶା ବେପାରୀକୁ ଗିରଫ କରାଯାଇଛି । ତା ନିକଟରୁ ୮ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଥିଲା, ଯାହାର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀ ମୁଦୁଲି କହିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ସ୍ଥାନୀୟ ଗଜପତି ନଗର ଅଞ୍ଚଳର ଗୀତିଶ୍ୱର ସେନାପତି (୨୧) । ଏ ନେଇ ଅବକାରୀ ଥାନାରେ ୫୮/୨୬-୨୭ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଏହି ଚଢ଼ାଉରେ ଏଏସଆଇ ଜିତେନ୍ଦ୍ର ବେହେରା ଓ ସୁମତି ମହାନ୍ତି, ଟିଟୁ ସାହୁ, ପ୍ରଣବ ବେହେରା, ସାନନ୍ଦ କାହଁର ଓ ଚିନ୍ମୟୀ ସେଠୀ ପ୍ରମୁଖ ସାମିଲ ଥିଲେ ।

## ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡ଼ି ମାରିବାକୁ ଉଦ୍ୟମ: ଆସାମୀ ଗିରଫ



ଭଦ୍ରକ/ଧାମନଗର(ନିପ୍ର): ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତର ଜନୈକ ବିବାହିତ ଯୁବକ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଯୁବତୀକୁ ଉଦ୍ଧାର କରାଯାଇଛି । ଫତେପୁର ପଞ୍ଚାୟତର ଲେଞ୍ଜାରା ଛକ ନିକଟରେ ଏହି ଘଟଣା ଘଟିଥିବା ବେଳେ ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ପୀଡ଼ିତା ମାଆଙ୍କ ଅଭିଯୋଗ ଅନୁଯାୟୀ ଫତେପୁର ପଞ୍ଚାୟତର ଧର୍ମାଗତପୁର (ବନ୍ଦମୁଣ୍ଡ) ଗ୍ରାମର ନିରଞ୍ଜନ ଜେନାଙ୍କ ପୁଅ ଦିଲ୍ଲିପ ଜେନା (୩୨) ଦୀର୍ଘଦିନ ଧରି ଉକ୍ତ ଛାତ୍ରୀଙ୍କୁ ଏକ ତରଫା ପ୍ରେମ ନିବେଦନ କରି ବିଫଳ ହୋଇ ଆସୁଥିଲା । ଛାତ୍ରୀ ଏଥିରେ ରାଜି ହେଉ ନଥିବାରୁ ଅଭିଯୁକ୍ତ ବିଭିନ୍ନ ସମୟରେ ଛାତ୍ରୀକୁ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲା । ଏ ନେଇ କିଛି ଦିନ ପୂର୍ବରୁ ଛାତ୍ରୀର ବାପା ମା ଅଭିଯୁକ୍ତର ବାପା ମାଆକୁ ଘଟଣା ସମ୍ପର୍କରେ ଜଣାଇଥିଲେ । ପରେ କାହିଁକି ବାପା ମାଆଙ୍କୁ ଜଣାଇଲ ତୁମ ଝିଅକୁ ଜୀବନରୁ ମାରିଦେବି ବୋଲି ଅଭିଯୁକ୍ତ ଦିଲ୍ଲିପ ଜେନା ଧମକ ଦେଇଥିଲା । ତେବେ ମଙ୍ଗଳବାର ସକାଳେ ଛାତ୍ରୀ ଜଣଙ୍କ ଅସୁରାଳୀ ସ୍କୁଲକୁ ଯାଉଥିବା ବେଳେ ଲେଞ୍ଜାରା ଛକ ନିକଟରେ ତାଙ୍କୁ ଅଟକାଇ ଅଭିଯୁକ୍ତ ଦିଲ୍ଲିପ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରୁଥିଲା । ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସି ଅଭିଯୁକ୍ତଙ୍କୁ କାବୁକରି ଧୁଷୁରୀ ପୁଲିସକୁ ଖବର ଦେଇଥିଲେ । ପୁଲିସ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରି ଥାନାକୁ ଆଣିଥିଲେ । ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଥିବା କୁହାଯାଉଛି । ଘଟଣା ପରେ ପୀଡ଼ିତାଙ୍କ ମାଆଙ୍କ ପକ୍ଷରୁ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି । ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଥାନାରେ ୨୮୮/୨୬ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛନ୍ତି । ଅନ୍ୟପକ୍ଷରେ, ସ୍ଥାନୀୟ ସୂତ୍ରରୁ ଅଭିଯୁକ୍ତ ଯୁବକ ପୂର୍ବରୁ ଦୁଇଟି ବିବାହ କରିଥିବା ବେଳେ ଜଣେ ସ୍ତ୍ରୀ ଦିଲୀପକୁ ଛାଡି ପଳାଇଥିବା ବେଳେ ଅନ୍ୟ ଜଣେ ସ୍ତ୍ରୀ ରହିଛି ।

# ୯ ବର୍ଷ ପରେ ଗିରଫ ହେଲା ଆଜୀବନ ସଜା କାଟୁଥିବା ଫେରାର ଆସାମୀ




କଟକ(ନିପ୍ର): ଜଗତପୁର ଥାନା ପୋଲିସ ଜଣେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ସଶ୍ରମ କାରାଦଣ୍ଡ ଭୋଗୀ ଛୁଟିରେ ବା ପାରୋଲରେ ଆସି ଫେରାର ହୋଇଥିବା ଜଣେ ଆସାମୀକୁ ଦୀର୍ଘ ୯ ବର୍ଷ ପରେ ପଞ୍ଜାବର ଅମୃତସରରୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଆସାମୀ ସାଜିତ ଖାନ । ଡିସିପି ରିଷିକେଶ ଖିଲାରୀଙ୍କ ସୂଚନା ମୁତାବକ ୨୦୦୮ ମସିହା ଏପ୍ରିଲ ମାସ ୨୮ ତାରିଖରେ ସ୍ଥାନୀୟ ଭୈରପୁରର ସାଜିତ ଖାନ ତା' ସାଙ୍ଗ ମୁଜାଫର ଓରଫ ଫାକା, ସେକ ସାନୱାର ଓରଫ ଟୁକୁ ଓ ସେକ ନୁରହାସନ ଓରଫ ରାଜା ମିଳିତ ଭାବେ ସେହି ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିଥିଲେ । ଏହି ଘଟଣାର ଏକ ମାତ୍ର ସାକ୍ଷୀ ମୃତ ମହିଳାଙ୍କ ବଡ଼ ଭଉଣୀ ଉର୍ମିଳା ସାହୁ ଓରଫ ଝିଲିଙ୍କ ସାକ୍ଷୀ ଓ ପ୍ରମାଣ ଆଧାରରେ କଟକ ଫାଷ୍ଟଟ୍ରାକ କୋର୍ଟ ୨୦୧୦ ମସିହାରେ ମୁଖ୍ୟ ହତ୍ୟାକାରୀ ସାଜିତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ଓ ଏକ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ । ତଦନୁଯାୟୀ ସେ ଚୌଦ୍ୱାର ଜେଲରେ ସଜା କାଟୁଥିଲା । ସାଜିତ ୨୦୧୭ ମସିହା ମାର୍ଚ୍ଚ ୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଛୁଟିରେ ବା ପାରୋଲରେ ଆସିଥିଲା । ସେ ୨୧ ତାରିଖରେ ଆତ୍ମସମର୍ପଣ କରିବା କଥା । ମାତ୍ର ଫେରାର ହୋଇ ଯାଇଥିଲା । ଏ ନେଇ ୨୦୨୫ ଡିସେମ୍ବର ୨୫ ତାରିଖରେ ଚୌଦ୍ୱାର ଜେଲର ବରିଷ୍ଠ ଅଧିକ୍ଷକ ଜଗତପୁର ଥାନାରେ ଅଭିଯୋଗ କଲାପରେ ଏକ ମାମଲା ରୁଜୁ କରାଯାଇ ଏଏସଆଇ ତପନ କୁମାର ସ୍ୱାଇଁଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ତଦନ୍ତ ସମୟରେ ତା'ର ସାଙ୍ଗ ସାଥି ଓ ସମ୍ପର୍କୀୟଙ୍କ ଟେଲିଫୋନ କଲରୁ ସନ୍ଦିଗ୍ଧ ଟେଲିଫୋନ ନମ୍ବରକୁ ଠାବ କରାଯାଇଥିଲା । ଏଥିପାଇଁ ଏସିପି ଅରୁଣ କୁମାର ସ୍ୱାଇଁ ଓ ଥାନାଧିକାରୀ ପ୍ରଶାନ୍ତ କୁମାର ସାସମଲଙ୍କ ନେତୃତ୍ୱରେ ଏକ ଟିମ ଗଠିତ ହୋଇଥିଲା । ଗତ ୨୩ ତାରିଖରେ ଏଏସଆଇ ତପନ କୁମାର ସ୍ୱାଇଁ ପଞ୍ଜାବର ଅମୃତସର ଗସ୍ତକରି ସେଠାକାର ପୋଲିସ ଓ ଓଡ଼ିଆ ଲୋକମାନଙ୍କ ସହାୟତାରେ ଆସାମୀ ସାଜିତକୁ ଠାବ କରିଥିଲେ । ସେ ସେଠାରେ ତା' ନାମ ବଦଳାଇ ଜାଲ ଦସ୍ତାବିଜ ପ୍ରସ୍ତୁତ କରି ଫୟାଜ ଖାନ ନାମରେ ଅମୃତସରର ସୁଦର୍ଶନ ନଗରରେ ରହି ବେଡ଼ସିଟ ହକର ଭାବେ କାର୍ଯ୍ୟ କରୁଥିଲା । ସେଠାରେ ସେ ବିବାହ ମଧ୍ୟ କରି ପରିବାର ସହ ରହୁଥିଲା । ମଝିରେ ମଝିରେ ତାଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରୁଥିଲା । ତାକୁ ୨୭ ତାରିଖରେ ଗିରଫ କରାଯାଇ ଅମୃତସର କୋର୍ଟରେ ହାଜର କରାଯାଇ ୪ ଦିନିଆ ରିମାଣ୍ଡରେ ଅଣାଯାଇଛି । ମଙ୍ଗଳବାର ତାକୁ କୋର୍ଟ ଚାଲାଣ କରାଯିବ ।

## ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ କୋର୍ଟ ଚାଲାଣ



ବାଲିପାଟଣା(ନିପ୍ର): ନାବାଳିକା ଦୁଷ୍କର୍ମ ମାମଲାରେ ବାଲିପାଟଣା ଥାନା ଅରିଲୋ ଗ୍ରାମର ଶ୍ରୀଧର ଓଝା (୬୨)କୁ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଯାଇଛି । ଏଠାରେ ସୂଚନାଯୋଗ୍ୟ ଶ୍ରୀଧର ସ୍ତ୍ରୀର ମୃତ୍ୟୁପରେ ସେ ଶଶୁର ଘରେ ଶାଳୀ ପାଖରେ ରହୁଥିଲା । ସେଠାରେ ଶାଳୀର ସହଯୋଗରେ ଜନୈକ ନାବାଳିକାକୁ ଦୁଷ୍କର୍ମ କରିଆସୁଥିଲେ । ନାବାଳିକାର ଦେହ ଅସୁସ୍ଥ ହେବାରୁ ତାକୁ ଡାକ୍ତରଖାନା ନିଆଯାଇଥିଲା । ହେଲେ ରକ୍ତ ପରୀକ୍ଷାରୁ ତାକୁ ମାରାତ୍ମକ ଏଡସ୍ ହୋଇଥିବା ଜଣାପଡିଥିଲା । ପରିବାର ଲୋକେ ଏ ସମ୍ପର୍କରେ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ପୋଲିସ ଗତକାଲି ଶ୍ରୀଧରକୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ୪୦ଟି ଫେକ୍ ହୋଟେଲ ୱେବସାଇଟ

# ଇମେଲ ଟେକ୍-ଡାଉନ କଲା ପୁରୀ ପୋଲିସ

ପୁରୀ, ୩୦/୬(ନିପ୍ର): ଆଗାମୀ ପବିତ୍ର ରଥଯାତ୍ରା ୨୦୨୬ ଉପଲକ୍ଷେ ଦେଶ ଓ ବିଦେଶର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଭକ୍ତ ପୁରୀକୁ ଆଗମନ କରିବେ। ଏହି ପରିପ୍ରେକ୍ଷୀରେ ହୋଟେଲ ବୁକିଂ ନାମରେ ସାଇବର ଠକେଇ ବୃଦ୍ଧି ପାଇବାର ଆଶଙ୍କାକୁ ନଜରରେ ରଖି ପୁରୀ ପୋଲିସ ପକ୍ଷରୁ ସାଇବର ଠକେଇ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଏହି ନିରୀକ୍ଷଣ ସମୟରେ ପୁରୀ ସହରର ବିଭିନ୍ନ ହୋଟେଲ ନାମରେ ଅନେକ ଫେକ୍ ୱେବସାଇଟ ଚାଲୁ ଥିବା ଚିହ୍ନଟ କରି ସେଗୁଡିକୁ ହଟାଇ ଦିଆଯାଇଛି । ସାଇବର ଅପରାଧୀମାନେ ଏହି ଭୁଆ ୱେବସାଇଟ ମାଧ୍ୟମରେ ହୋଟେଲ ବୁକିଂ ନାମରେ ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ଠକୁଥିଲେ ଏବଂ ଅବୈଧ ଭାବରେ ଟଙ୍କା ଆଦାୟ କରୁଥିଲେ। ୪୦ଟି ଫେକ୍ ୱେବସାଇଟ, ଇମେଲ ଚାଲୁ ଥିବା ଜଣାପଡ଼ିଛି। ଏହି ସାଇଟଗୁଡ଼ିକରେ ହୋଟେଲର ନାମ, ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡିକୁ ଅବୈଧ ଭାବରେ ବ୍ୟବହାର କରାଯାଉଥିଲା। ଏଥିସହିତ ଭିନ୍ନ ଭିନ୍ନ ଫେକ ଇ-ମେଲ୍ ଆଇଡି ମାଧ୍ୟମରେ ଗ୍ରାହକଙ୍କ ସହ ଯୋଗାଯୋଗ କରି ଠକେଇ କରାଯାଉଥିଲା। ପୁରୀ ପୋଲିସ ପକ୍ଷରୁ ତୁରନ୍ତ କଡ଼ା ପଦକ୍ଷେପ ଗ୍ରହଣ କରାଯାଇ ସମ୍ପୃକ୍ତ ସମସ୍ତ ଫେକ୍ ୱେବସାଇଟକୁ ସଫଳତାର ସହ ଟେକ୍-ଡାଉନ କରାଯାଇଛି। ଏହା ଫଳରେ ଉକ୍ତ ୱେବସାଇଟ ମାଧ୍ୟମରେ ଆଗାମୀ ଠକେଇର ସମ୍ଭାବନାକୁ ଅନେକାଂଶରେ ରୋକା ଯାଇପାରିବ । ଏହି ଘଟଣାରେ ଏସ୍ପି ପୁରୀ ପ୍ରତୀକ ସିଂ କହିଛନ୍ତି ଯେ, ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁରକ୍ଷା ପୁରୀ ପୋଲିସର ପ୍ରଥମ ପ୍ରାଥମିକତା। ସାଇବର ଅପରାଧ ବିରୋଧରେ ପୁରୀ ପୋଲିସ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରୁଛି ଏବଂ ଏପରି ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ପୁରୀ ପୋଲିସ ସମସ୍ତ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ସଚେତନତା ମୂଳକ ପରାମର୍ଶ ଯେ, ହୋଟେଲ ବୁକିଂ ପୂର୍ବରୁ ୱେବସାଇଟର ସତ୍ୟତା ଯାଞ୍ଚ କରନ୍ତୁ।


**OFFICE OF THE PRINCIPAL**
**R.G.M.T HIGHER SECONDARY SCHOOL, KALHEIPALI, SAMBALPUR.**

**WALK-IN-INTERVIEW**

Walk-in-interview for the post of Peon(Contractual), with (BSE,Odisha) matriculate are informed to attend the interview with all certificate and testimonials along with bio-data on dt:- 07.07.2026 at 11.00 A.M in the H.S. School Office.

**Sd/- Principal-cum-secretary**
**R.G.M.T.H.S. School, Kalheipali**


## ଆସୁଛି ଏଥରର ପ୍ରଥମ ଲଘୁଚାପ: ୭ ଦିନ ବର୍ଷିପାରେ

ଭୁବନେଶ୍ୱର,୩୦ ।୬(ନିପ୍ର): ଆଗାମୀ ୭ ଦିନ ଅର୍ଥାତ୍ ଆସନ୍ତା ଜୁଲାଇ ୭ ତାରିଖ ସକାଳ ସୁଦ୍ଧା ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି । ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ ୩ ତାରିଖରେ ହେବା ସମ୍ଭାବନା ରହିଛି । ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ବର୍ତ୍ତମାନ ଏକ ଉପର ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସମୁଦ୍ର ପତ୍ତନରୁ ପ୍ରାୟ ୧.୫ରୁ ୫.୮ କି.ମି. ଉଚ୍ଚତା ମଧ୍ୟରେ ରହିଛି । ଯାହାର ପ୍ରଭାବରେ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ।

## ମାର୍କେଟ୍ ବିଲ୍ଡିଂରେ ଅଗ୍ନିକାଣ୍ଡ: ଜଳିଗଲା ୨୦ରୁ ଅଧିକ ଦୋକାନ



**ଭୁବନେଶ୍ୱର, ୩୦/୬(ନିପ୍ର):** ମଙ୍ଗଳବାର ଭୋର୍ ୫ଟାରେ ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ମାର୍କେଟ୍ ବିଲ୍ଡିଂରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବାର ସୂଚନା ରହିଛି। ସର୍ଟ ସର୍କିଟ ପାଇ ନିଆଁ ଲାଗିଥିବାର ଅନୁମାନ କରାଯାଉଛି। ରାଜଧାନୀ ଏକ କପଡ଼ା ଦୋକାନରେ ହଠାତ୍ ନିଆଁ ଲାଗିବା ପରେ ଦେଖୁ ଦେଖୁ ନିଆଁ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା । ଏଥିରେ ଜଳିଯାଇଛି ୨୦ରୁ ଅଧିକ ଦୋକାନ। ଘଟଣାସ୍ଥଳରୁ କଳା ଧୂଆଁ ଆକାଶକୁ ଉଠୁଥିବାରୁ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଅଗ୍ନିକାଣ୍ଡର ଖବର ପାଇ ସ୍ଥାନୀୟ ଲୋକେ ଓ ଦୋକାନୀମାନେ ତୁରନ୍ତ ଘଟଣାସ୍ଥଳରେ ଏକାଠି ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ନିଆଁ ବ୍ୟାପି ନ ପାରିବା ପାଇଁ ଆଖପାଖ ଦୋକାନଗୁଡ଼ିକରେ ମଧ୍ୟ ସତର୍କତାମୂଳକ ବ୍ୟବସ୍ଥା ନିଆଯାଇଛି । ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ । ଅଗ୍ନିକାଣ୍ଡରେ କେତେ କ୍ଷୟକ୍ଷତି ହୋଇଛି, ତାହା ମଧ୍ୟ ନିଆଁ ସମ୍ପୂର୍ଣ୍ଣ ଲିଭିବା ପରେ ଜଣାପଡ଼ିବ । ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିକାଣ୍ଡର କାରଣ ନେଇ ତଦନ୍ତ ଆରମ୍ଭ କରାଯାଇଛି ।

## ସଡ଼କ ସୁରକ୍ଷା ହେଉଛି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା: ଗଡ଼କରୀ



**ନୂଆଦିଲ୍ଲୀ, ୩୦/୬(ପିଆଇବି):** କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ସଡକ ସୁରକ୍ଷା ସରକାରଙ୍କ ଅନ୍ୟତମ ପ୍ରାଥମିକତା ଏବଂ ଏଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସଡ଼କ ଦୁର୍ଘଟଣାରେ ଭାରତରେ ସର୍ବାଧିକ ମୃତ୍ୟୁ ଘଟିଛି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ। ମଙ୍ଗଳବାର ଏଠାରେ ଏକ ଉବର କାର୍ଯ୍ୟକ୍ରମରେ ଯୋଗ ଦେଇ ଗଡକରୀ କହିଛନ୍ତି ଯେ ବର୍ତ୍ତମାନ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନେଇଯାଉଥିବା ବ୍ୟକ୍ତିଙ୍କୁ ପୋଲିସ କିମ୍ବା ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଆର୍ଥିକ ସହାୟତା ଦିଆଯିବ । କୌଣସି ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ସରକାର ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ବହନ କରିବେ। ସେ କହିଛନ୍ତି ଯେ ଦେଶରେ ପ୍ରତିବର୍ଷ ହାରାହାରି ପାଂଚ ଲକ୍ଷ ସଡ଼କ ଦୁର୍ଘଟଣା ଘଟିଥାଏ ଏବଂ ପ୍ରାୟ ୧.୮୦ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ। ଏହି ଦୁର୍ଘଟଣା ଦେଶର ଜିଡିପିର ପ୍ରାୟ ତିନି ପ୍ରତିଶତ କ୍ଷତି ଘଟାଇଥାଏ। ଏହି ଦୁର୍ଘଟଣାରେ ପୀଡିତଙ୍କ ମଧ୍ୟରୁ ୬୬ ପ୍ରତିଶତ ୧୮ ରୁ ୩୪ ବର୍ଷ ବୟସ ବର୍ଗରେ ଅଛନ୍ତି। ସଡକ ଦୁର୍ଘଟଣା କେବଳ ଜୀବନ ନେଇନଥାଏ ବରଂ ଅନେକ ଲୋକଙ୍କୁ ସ୍ଥାୟୀ ଭାବରେ ଅକ୍ଷମ କରିଥାଏ । ଗଡକରୀ କହିଛନ୍ତି ଯେ ସଡକ ନିରାପତ୍ତାର ଚାରୋଟି ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ସଡକ ଇଞ୍ଜିନିୟରିଂ, ଯାନ ଇଞ୍ଜିନିୟରିଂ, କାର୍ଯ୍ୟକାରୀ ଏବଂ ଜନସଚେତନତା। ଏମାନଙ୍କ ମଧ୍ୟରେ ରୋଡ୍ ଇଞ୍ଜିନିୟରିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ଅଧୀନରେ ଦେଶର ପାହାଡ଼ିଆ ଅଂଚଳରେ ରାସ୍ତା ଏବଂ ଭୂସ୍ଖଳନ ଅଂଚଳରେ କଳା ଦାଗ ଚିହ୍ନଟ କରାଯାଇଛି।


**AFFIDAVIT**

I, Manas Ranjan Sethi, S/o Damodar Sethi, resident of Village-Kashipur, P.O./P.S. Nirakarpur, Dist. Khordha, PIN-752019, Odisha, do hereby declare that by virtue of an affidavit executed before the Executive Magistrate, Tangi, Khordha on 25.06.2026 (Affidavit No. 1292/25/06/2026), I have changed the name of my minor son from "Somaya Ranjan Sethi" (old name) to "Soumya Ranjan Sethi" (new name) for all intents and purposes. Henceforth, he shall be known, called and addressed as **"Soumya Ranjan Sethi".**

**AFFIDAVIT**

By virtue of an affidavit sworn before The Executive Magistrate, Khordha affidavit no.1888 dtd.17.06.2026, I Priti Prangya Dhal D/o- Priyambada Dhal & Pramod Chandra Dhal At/Po- Durgapur, Dist-Cuttack-754008 do hereby declare that I have changed my name from Prangya Priyadarshni Dhal Samanta to Priti Prangya Dhal. Henceforth I shall be known as Priti Prangya Dhal for all purposes.

**“Sd/-Priti Prangya Dhal**






Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ　　ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ